
ଜୁଲାଇ, ୧୯୭୪



ଓଡ଼ିଶାର ମୁଖ୍ୟ ମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ୧୯୭୪ ଜୁଲାଇ ୩ ତାରିଖରେ ଓଡ଼ିଶା ବିଧାନ ସଭା ହତାରେ ଅବସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ।

# ଉତ୍କଳ ପ୍ରସଙ୍ଗ

ଜୁଲାଇ ୧୯୭୪ : ଆଷାଢ଼ ୧୮୯୬

୩୦ଶ ଭାଗ : ୧୨ଶ ସଂଖ୍ୟା

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଇଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ଲୋକସମ୍ପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସମୟରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।

ସମ୍ପାଦକ

ପ୍ରବୋଧ ନାରାୟଣ ତିୱାରୀ, ଆଇ. ଏ. ଏସ୍.
ଲୋକ ସଂପର୍କ ନିର୍ଦ୍ଦେଶକ ।

ସହଯୋଗୀ ସମ୍ପାଦକ

ବ୍ରଜ ମୋହନ ପଟ୍ଟନାୟକ,
ସହକାରୀ ଲୋକ ସଂପର୍କ ନିର୍ଦ୍ଦେଶକ ।

ସହକାରୀ ସମ୍ପାଦକ

କିଶୋର ଚନ୍ଦ୍ର ବେହେରା,
ପ୍ରକାଶନ ଅଧିକାରୀ ।

ପ୍ରଚ୍ଛଦ ପଟ :

ଅସିତ୍ ମୁଖାର୍ଜୀ,
କଟକ

ମୁଦ୍ରଣ :

ଓଡ଼ିଶା ସରକାରୀ ମୁଦ୍ରଣାଳୟ
କଟକ

ବାର୍ଷିକ ଦେୟ : ଟ ୪.୮୦
ପ୍ରତି ଖଣ୍ଡ : ଟ ୦.୪୦

ପ୍ରକାଶନ: ପ୍ରତିମାସ ୧୫ ତାରିଖ

## ଏହି ସଂଖ୍ୟାରେ :

| | |
|---|---|
| ଆମ ସାମାଜିକ ପରମ୍ପରା ଓ ଜାତୀୟ ସଂହତି | ୧ |
| ଟସର ପୋକ ପାଳନ : ଏହାର ରୋଗ ଏବଂ ଶତ୍ରୁ | ୪ |
| ଗୋବର ଗ୍ୟାସ ପ୍ଲାଣ୍ଟ | ୮ |
| ଶାନ୍ତି ପାଇଁ ପରମାଣୁ | ୯ |
| ନୌବାଣିଜ୍ୟ କ୍ଷେତ୍ରରେ ପାରାଦୀପ ବନ୍ଦରର ଭୂମିକା | ୧୩ |
| ରାଷ୍ଟ୍ରପତିଙ୍କ ଅଧ୍ୟାଦେଶ ଓ ସାଂପ୍ରତିକ ଭାରତୀୟ ମୁଦ୍ରାସ୍ଫୀତି | ୧୫ |
| ଗ୍ରାମ ପୁନର୍ଗଠନ | ୧୭ |
| ଅର୍ଥନୈତିକ ବିକାଶ କ୍ଷେତ୍ରରେ ଗ୍ରାମ୍ୟ ଶିଳ୍ପର ଭୂମିକା | ୧୯ |
| ଭୂ-ସଂସ୍କାର ଓ ସବୁଜ ବିପ୍ଳବ | ୨୩ |
| ଆବର୍ଜନା ଓ ବ୍ୟାଧି ବିରୁଦ୍ଧରେ ଯୁବ ସମାଜ | ୨୭ |
| ହରିଅଡ଼ା ଗ୍ରାମର ବିକାଶ କାହାଣୀ | ୩୧ |
| ବ୍ୟବସାୟିକ ରୀତିରେ ଗୋଦୁଗ୍ଧ ଉତ୍ପାଦନ | ୩୫ |
| ଆମପଦ୍ୟ | ୩୭ |
| ଘଟଣା ପ୍ରବାହ | ୪୧ |

# 'ଆମ ସାମାଜିକ ପରମ୍ପରା ଓ ଜାତୀୟ ସଂହତି'

ସେକ୍ ମତଲୁବ୍ ଅଲି
ଉପମନ୍ତ୍ରୀ, ସାଂସ୍କୃତିକ ବିଭାଗ

ଆମ ସମାଜର ପରମ୍ପରା ଅତୀବ ପ୍ରାଚୀନ ତଥା ଐତିହ୍ୟପୂର୍ଣ୍ଣ । ମଣିଷ ଏକ ସାମାଜିକ ପ୍ରାଣୀ । ସମାଜର ପରଂପରା, ଚଳଣିର ସୃଷ୍ଟି ଓ ପ୍ରଚଳନ ପାଇଁ ସେ ନିଜେ ଦାୟୀ । ସମାଜର ପୁରାତନତାକୁ ଦୃଷ୍ଟିକରି ତାର ପରଂପରା ସଂସ୍କୃତି କଳ୍ପିତ ହୋଇ ଉଠେ । ମାନବ ସମାଜର ଐତିହ୍ୟକୁ ସମୀକ୍ଷା କଲେ ସହଜରେ ଜାଣିହୁଏ, ମଣିଷ ସ୍ୱଭାବତଃ ପରଂପରାପ୍ରିୟ । ସାମାଜିକ ବନ୍ଧନରେ 'ଆବଦ୍ଧ ହୋଇ' ସମାଜର ନୀତି ନିୟମକୁ ଅନୁସରଣକରି ସୁଖରେ ତା'ର ସାଂସାରିକ ଜୀବନ ଚଳାଇନେବାପାଇଁ ସେ ସର୍ବଦା ଚେଷ୍ଟିତ । କେବଳ ଆଜିର ସମାଜ ନହେଁ–ଆଦିମ ଦ୍ରାବିଡ଼ ତଥା ନଦୀକୂଳର ନୂତନ ସଭ୍ୟତାର ଜନ୍ମଠାରୁ ଇତିହାସ କହେ ମଣିଷ ତାର ପରଂପରାକୁ, ତାର ଚଳଣିକୁ ଅନୁସରଣ କରି ଆସିଛି । ସେ ନିଜେ ତାର ସୁବିଧାପାଇଁ, ସମାଜର ମଙ୍ଗଳପାଇଁ ତାକୁ ପରିମାର୍ଜିତ କରିଛି, କିନ୍ତୁ ପରିତ୍ୟାଗ କରିନାହିଁ । ଅନେକ ଯୁକ୍ତି ଦର୍ଶାଇ ପାରନ୍ତି, ମୁଁ ପରଂପରା ବିରୋଧୀ ସମାଜର ଚଳନ୍ତି ପରଂପରା ଉପରେ କୁଠାରାଘାତ କରିବାକୁ ପ୍ରସ୍ତୁତ । ଆଜିର ଅତ୍ୟାଧୁନିକ ପ୍ରେମୀ କେତେକ ଗୋଷ୍ଠୀଙ୍କର ମୁହଁରୁ ଏହା ମଧ୍ୟ ଶୁଣାଯାଏ । କେତେକ କ୍ଷେତ୍ରରେ ପ୍ରଚଳିତ ପ୍ରଥାର ବିରୋଧ ଭାବ ଲକ୍ଷ୍ୟ କରାଯାଏ । ଜଣେ ସମାଜ ବିଜ୍ଞାନୀ ନିଷ୍ଠାର ସହିତ ତାକୁ ଯଦି ଲକ୍ଷ୍ୟ କରିବ ସେ ବିରୋଧ ଭାବରେ ସୃଷ୍ଟିଠାରୁ ପ୍ରକ୍ରିୟା ପର୍ଯ୍ୟନ୍ତ ମନୁଷ୍ୟ ପ୍ରବୃତ୍ତି ଓ ପ୍ରକୃତିକୁ ସମୀକ୍ଷା କରିବ ତାହା ହେଲେ ଏ କଥା ମଧ୍ୟ ସ୍ପଷ୍ଟ ହୋଇଯିବ ଯେ ଅଧିକ ସୁବିଧା, ସ୍ୱଚ୍ଛନ୍ଦତା ପାଇଁ ତଥା ସମାଜର ଅସୀମ ମଙ୍ଗଳ ପାଇଁ ସ୍ଲୋଗାନ ଦେଉଥିବା ମଣିଷ ପରଂପରାବିରୋଧୀ ନୁହେଁ । ନିଜର ବ୍ୟକ୍ତିଗତ ଦୋଷତ୍ରୁଟିକୁ ଏଡ଼େଇ ଯିବା ପାଇଁ, ସାମାଜିକ ତ୍ରୁଟିକୁ ଆବୃତ କରିବାପାଇଁ ବା ନିଜର ଦୁର୍ବଳତାକୁ ଘୋଡ଼ାଇବାପାଇଁ ଏଭଳି ସ୍ଲୋଗାନ ଦେବାର ଦେଖାଯାଏ ।

ପୁରାଣ ଯୁଗରୁ ପ୍ରଚଳିତ ପ୍ରଥା ରହିଛି ଗୁରୁ ଦକ୍ଷିଣାର କଥା । ଗୁରୁଜନ ଆଶ୍ରମରେ ଛାତ୍ର ରହି ଶିକ୍ଷା ଶେଷ କରି ସାରିଲେ ଗୁରୁଭକ୍ତିର ତଥା ଗୁରୁ ଦକ୍ଷିଣାର ପରାକାଷ୍ଠା ତାକୁ ଦେଖାଇବାକୁ ପଡୁଥିଲା । ପରିବର୍ତ୍ତିତ ପରିସ୍ଥିତିରେ ତାର ପରିବର୍ତ୍ତନ ହୋଇଥିଲେ ମଧ୍ୟ ଗୁରୁଭକ୍ତିର ପରଂପରା ଆଜି ମଧ୍ୟ ରହିଛି ଏବଂ ଏହି ପରଂପରାର ପବିତ୍ରତା ଅନେକ କ୍ଷେତ୍ରରେ ଏତେ ନିବିଡ଼ ତାହା ଅବର୍ଣ୍ଣନୀୟ । ଏଇ ପରଂପରା ଫଳରେ ମଣିଷର ସାମାଜିକ ମହତ୍ତ୍ୱ ଓ ତାର ଭିତ୍ତିଭୂମି ଏତେ ସୁଦୃଢ଼ ହୋଇ ଉଠେ, ତାହା ମଧ୍ୟ ଅତୁଳନୀୟ ।

ଗୁରୁଜନମାନଙ୍କୁ ଭକ୍ତି କରିବା, ଅଗ୍ରଜମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା, ସେମାନଙ୍କର ଏହି ଆଦର୍ଶକୁ ଅନୁସରଣ କରିବା ଆମ ସମାଜର ପରଂପରା ଏବଂ ବିଶ୍ୱାସ ମଧ୍ୟ । ସେମାନଙ୍କର ଆଶୀର୍ବାଦରେ ଆମର ଭବିଷ୍ୟତ ମଙ୍ଗଳମୟ

ହେବ । ଏହାର ଉଦାହରଣ ଆମ ସମାଜରେ ବହୁତ ରହିଛି । ରାମ ଭରତ ଲକ୍ଷ୍ମଣ ଓ ଭରତର ଭ୍ରାତୃ ସେହି ଆତ୍ମୀୟତା ଓ ଆନ୍ତରିକତାର କାହାଣୀ ଆଜି ଆମକୁ ଦିଏ—ତାହାର ଉଦାହରଣ ବାସ୍ତବିକ ବିରଳ ।

ଏହି ସାମାଜିକ ପରଂପରାର ପୃଷ୍ଠଭୂମିରେ ଜାତୀୟ ଜୀବନକୁ ଲକ୍ଷ୍ୟ କଲେ ଏହାର ଆବଶ୍ୟକତା ଅତୀବ ଗୁରୁତ୍ୱପୂର୍ଣ୍ଣ । ଏକ ସମାଜରେ ବହୁ ଜାତି, ବହୁ ବର୍ଣ୍ଣ, ବହୁ ଧର୍ମ ଓ ବହୁ ଭାଷାର ମଣିଷ ବାସ କରନ୍ତି । କିନ୍ତୁ ସେମାନଙ୍କର ଯୁଗଯୁଗର ପ୍ରଚଳିତ ସାମାଜିକ ପ୍ରଥା ବା ପରଂପରା ସେମାନଙ୍କୁ ଏକ କରିଥାଏ, ଏକ ଦେଶ ପ୍ରତି ବାନ୍ଧି ଏକାଠି ରଖିଥାଏ । ''ମରିଶି ଶିଂଘ ପଟା, ଯୁଝିଲ ବେଳକୁ ଗୋଟା'' ଏହି ମର୍ମରେ ଆମେ ଯିଏ ଯାହା ହେଲେ ଜାହିଁକି "ଆମେ ଭାରତୀୟ" ଏ କଥା କହିଲା ବେଳେ, ଆମର ଛାତି ଯେପରି ଗର୍ବରେ ଫୁଲି ଉଠେ । ଆମର ପ୍ରାଚୀନ ଐତିହ୍ୟ ଓ ବୀରତ୍ୱପୂର୍ଣ୍ଣ ପରଂପରା ଆମକୁ ଏକତ୍ରିତ କରିଦିଏ, ନିବିଡ଼ରୁ ନିବିଡ଼ତର କରିଦିଏ । ପୃଥିବୀର ବହୁ ଯୋଗଜନ୍ମା ସାଧକ ଓ କ୍ଷଣଜନ୍ମା ମନିଷୀ ଏକଥା କହିଛନ୍ତି, ବହୁ ଭାବରେ ଉଦାହରଣ ଦେଇ ବୁଝାଇଛନ୍ତି, ସାମାଜିକ ପରଂପରାର ମହତ୍ୱ ତାହା ମଧ୍ୟରେ ମଣିଷକୁ ଏକ କରି ରଖିବାର ଅଫୁରନ୍ତ ଶକ୍ତି ଏବଂ ସମାଜ ଓ ଜାତିକୁ ସମୃଦ୍ଧ କରି ଗଢିବାର ତତ୍ତ୍ୱ । ଅନ୍ୟ କଥାରେ କହିବାକୁ ଗଲେ ଏ ଜାତୀୟ ଓ ସାମାଜିକ ପରଂପରା ଆମକୁ ଗୋଟିଏ ମା'ର ଗୋଟିଏ ସନ୍ତାନ ହେବାର କ୍ଷମତା ଶିଖାଇଛି ଏବଂ ସାମରିକ ଓ ସାମାଜିକ ଅଶାନ୍ତିରୁ ମୁକ୍ତି ପାଇବା ପାଇଁ ତଥା ସୁସ୍ଥ ଓ ସମୃଦ୍ଧ ସମାଜ ଗଢି ତୋଳିବା ପାଇଁ ଏହି ପରଂପରାର ମହତ୍ୱ ଓ ଆବଶ୍ୟକତା ମଧ୍ୟ ଯଥେଷ୍ଟ ରହିଛି ।

ଆଜିର ସମାଜକୁ ମୂଲ୍ୟାଙ୍କନ କଲାବେଳେ ଯୁବ ସମାଜ ଓ ଛାତ୍ର ସମାଜ କଥା ସର୍ବାଗ୍ରେ ସମ୍ମୁଖକୁ ଆସେ । କାରଣ ଚଳନ୍ତି ସମାଜର ଅଫୁରନ୍ତ ଶକ୍ତିର ଭଣ୍ଡାର ହେଉଛି ଯୁବଶକ୍ତି । ସମାଜକୁ ଗଢିବା ପାଇଁ ଓ ସମୃଦ୍ଧ କରିବା ପାଇଁ ଯୁବ ସମାଜର ଅପୂରଣୀୟ ଦାୟିତ୍ୱ ରହିଛି । ନୂତନ ସୃଷ୍ଟିର ଉନ୍ମେଷ ପାଇଁ ସେମାନଙ୍କର ଶକ୍ତି ଓ ବୁଦ୍ଧି ମଧ୍ୟ ଅତୁଳନୀୟ; କାରଣ ସେମାନେ ହିଁ ନୂତନ ସୃଜନୀର ସ୍ରଷ୍ଟା ।

ଆଜି ଯେଉଁମାନେ ଛାତ୍ର, ଯୁବକ ଆସନ୍ତାକାଲି ସେମାନେ ଏ ଦେଶର ଦାୟିତ୍ୱବାନ ନାଗରିକ । ଜାତି ଗଠନର ଗୁରୁ ଦାୟିତ୍ୱ ସେମାନେ ହିଁ ବହନ କରିବେ । ସେ ଦୃଷ୍ଟିରୁ ଯୁବ ସମାଜର ଭୂମିକା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ଦେଶରୁ ବେକାରୀ, ଦାରିଦ୍ର୍ୟ ଦୂର କରିବାକୁ ହେଲେ, ଦେଶର ଯୁବ ଶକ୍ତିକୁ ଜାଗ୍ରତ ଓ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ହେବ । ସମସ୍ତ ବିଭେଦ, ବିଭିନ୍ନ ଭାଷାଗତ, ଧର୍ମଗତ ବା ଆଂଚଳିକ ମତଭେଦକୁ ଏଡ଼ାଇ ଏକମାତ୍ର ଲକ୍ଷ୍ୟ ''ଜାତୀୟ ସ୍ୱାର୍ଥ'' ହାସଲ କରିବାପାଇଁ ଦେଶର ଯୁବଶକ୍ତିକୁ କଠିନଶ୍ରମ କରିବାକୁ ଦେବ ତାହାହେଲେ ଦେଶ ଆଗରେ ଦେଖା ଦେଉଥିବା କଠିନ ସମସ୍ୟାକୁ ଆମେ ଆଜି ମୁକାବିଲା କରିପାରିବା । ଏଥିପାଇଁ ଲୋଡ଼ା ''ଜାତୀୟ ସଂହତି'' । ଜାତୀୟ ଉନ୍ନତି ଓ ସମୃଦ୍ଧି ପାଇଁ ଜାତୀୟ ସଂହତି ହେଉଛି ଅମୂଲ୍ୟ ସଂପଦ ।

ପୃଥିବୀର ଯେ କୌଣସି ବିକାଶଶୀଳ ରାଷ୍ଟ୍ରର ଜାତୀୟ ଇତିହାସକୁ ଅନୁଧ୍ୟାନ କଲେ ସହଜରେ ଜାଣିହୁଏ ଜାତୀୟ ଜୀବନରେ ଜାତୀୟ ସଂହତିର ଗୁରୁତ୍ୱ ଏବଂ ଯୁବସମାଜର ଭୂମିକା । ରୁଷିଆର ସ୍ୱାଧୀନତା ସଂଗ୍ରାମ, ଚୀନର ବିପ୍ଳବ, ଭିଏତ୍‌ନାମ୍‌ର ମୁକ୍ତିଯୁଦ୍ଧ ତଥା ବଂଗଳା ଦେଶର ମୁକ୍ତି ସଂଗ୍ରାମ କଥା ଲକ୍ଷ୍ୟ କଲେ ଜାତୀୟ ସଂହତି କେତେ ଶକ୍ତିଶାଳୀ ତାହା ସହଜରେ ବୁଝିହୁଏ । ରାଷ୍ଟ୍ରର ଶତ୍ରୁକୁ ନିପାତ କରି ଜାତୀୟ ଲକ୍ଷ୍ୟ ହାସଲ କରିବା ପାଇଁ ଏବଂ ଏହି ଜାତୀୟ ଲକ୍ଷ୍ୟ ହାସଲ କରିବାର ଐତିହାସିକ ସଂଗ୍ରାମ ଓ ସଂଘର୍ଷରେ ଯୁବକମାନେ ଯେଉଁ ବୈପ୍ଳବିକାରୀ ଭୂମିକା ଗ୍ରହଣ କରିଥିଲେ

ତାହା ମଧ୍ୟ ଇତିହାସରେ ଅମରତ୍ୱ ଲାଭ କରିଛି । ଭାରତର ସ୍ୱାଧୀନତା ସଂଗ୍ରାମରେ ବିଶେଷତଃ ୧୯୪୨ ର ଅଗଷ୍ଟ ବିପ୍ଳବରେ ଭାରତୀୟ ଯୁବସମାଜର ଭୂମିକା ଉଲ୍ଲେଖନୀୟ । ଇତିହାସରେ ଏହା ଏକ ପ୍ରଖ୍ୟାତ ଆନ୍ଦୋଳନ । ସେହି ଅଫୁରନ୍ତ ଶକ୍ତିର ଉତ୍ସ ପ୍ରତୀକ ଆଜିର ଯୁବ ସଂପ୍ରଦାୟ ପୂର୍ବର ଐତିହାସିକ ଯୁବ ସଂପ୍ରଦାୟର ଦେଶପ୍ରେମ ତଥା ଜାତୀୟତାରେ ଉଦ୍‌ବୁଦ୍ଧ ହୋଇ ନିଷ୍ଠାର ସହିତ କାର୍ଯ୍ୟକଲେ ବହୁ ଅସମ୍ଭବ ସମ୍ଭବ ହୋଇପାରିବ । ଯୁବକ ଧ୍ୱଂସକାମୀ ନୁହେଁ । ସେ ସୃଷ୍ଟିକାମୀ । ଗଠନମୂଳକ କାର୍ଯ୍ୟରେ ତାର ଆନନ୍ଦ, ତାର ପୂର୍ବପୁରୁଷର ପରଂପରାର ଇତିହାସକୁ ଆଖି ତାକୁ ସମ୍ମୁଖରେ ରଖିବାକୁ ହେବ । କିନ୍ତୁ ଯୁବ ସମାଜର ଭୂମିକାର ପରଂପରାକୁ ମଧ୍ୟ ଅନୁସରଣ କରିବାକୁ ହେବ । ସେ ଗଢ଼ିବ, ସେ ହେବ କର୍ମକାର ତାର ନିଜ ପାଇଁ, ତାର ଉତ୍ତରପୁରୁଷ ପାଇଁ ।

ଅନେକ ସମୟରେ ଦେଖାଯାଏ କେତେକ ନୀଚସ୍ୱାର୍ଥ ବ୍ୟକ୍ତି ନିଜର ସାମୟିକ ସ୍ୱାର୍ଥ ହାସଲ ପାଇଁ ଛାତ୍ର ସମାଜ ଓ ଯୁବସମାଜକୁ କେତେକ ଅବାଟରେ, କୁପଥରେ ମୁହାଁଇ ଦିଅନ୍ତି । ଭାବପ୍ରବଣ ଛାତ୍ର ତଥା ଯୁବସମାଜ ହଠାତ୍ କେଉଁଟା ଭଲ ବା କେଉଁଟା ମନ୍ଦ ତାହାଁ ସ୍ଥିର କରି ପାରନ୍ତି ନାହିଁ । କେତେକ କ୍ଷତିକର କାର୍ଯ୍ୟରେ ଲିପ୍ତ ହୋଇଯାଆନ୍ତି– ଯାହାଫଳରେ ଯୁବ ସମାଜର ତଥା ଦେଶର ଅପୂରଣୀ କ୍ଷତି ହୋଇଯାଏ । ପରେ କେବଳ ଅନୁତାପ ହିଁ ସାର ହୁଏ, ଆଉ କିଛି ହୁଏ ନାହିଁ ।

ବିଗତ ଯୁବ ଆନ୍ଦୋଳନ, ସ୍ୱାଧୀନତା ସଂଗ୍ରାମ, ସ୍ୱାଧୀନତା ଆନ୍ଦୋଳନରେ ଯୁବ ସମାଜର ଭୂମିକା ସର୍ବୋପରି ମହାନ୍ ସଂଗ୍ରାମୀ ଜାତୀୟ ପିତା ଗାନ୍ଧୀଜୀ, ବାଳ ଗଙ୍ଗାଧର ତିଳକ, ନେତାଜୀ ସୁଭାଷଚନ୍ଦ୍ର ବୋଷ, ଉତ୍କଳମଣି ଗୋପବନ୍ଧୁ, ପଣ୍ଡିତ ଜବାହରଲାଲଙ୍କ ଆଦର୍ଶ, ତ୍ୟାଗ ଓ ଦେଶପ୍ରେମ ଆଜିର ପରିପ୍ରେକ୍ଷୀରେ ଯୁବ ସମାଜ ସମ୍ମୁଖରେ ରଖି ତାକୁ ଅନୁଧ୍ୟାନ କରି ଜାତୀୟ ସମସ୍ୟାକୁ ମୁକାବିଲା କରିବା ନିମନ୍ତେ ନିଜକୁ ପ୍ରସ୍ତୁତ କରିବାକୁ ହେବ । ତାହା ସହିତ ଆମର ବିରାଟ ଐତିହ୍ୟ ଏବଂ ଐତିହାସିକ ପରଂପରାକୁ ସାମନାରେ ରଖି ଭଗତ ସିଂ, ଉଧମ ସିଂ, ବାଘା ଯତୀନର ଦେଶପ୍ରେମ ଓ ନିଷ୍ଠାକୁ ଆଦର୍ଶ କରି ଜାତୀୟ ସମସ୍ୟାକୁ ମୁକାବିଲା କଲେ ସମାଧାନର ବାଟ ମିଳିବ । ବାପୁଜୀଙ୍କର ପରିକଳ୍ପିତ 'ସୁନାର ଭାରତ' ଗଢ଼ିବା ଯୁବ ସଂପ୍ରଦାୟ ପକ୍ଷରେ ପୁନଶ୍ଚ ସମ୍ଭବ ହେବ. ନୂତନ ସମୃଦ୍ଧ ଜାତିର ଗୌରବମୟ ଇତିହାସ ସୃଷ୍ଟି କରିବା, ଉତ୍ତରପୁରୁଷଙ୍କ ସମୃଦ୍ଧି ପାଇଁ ନୂତନ ସରଣୀ ଉନ୍ମୋଚନ କରିବା, ବିଶ୍ୱର କଲ୍ୟାଣ କରିବା ସଙ୍ଗେ ସଙ୍ଗେ ମାନବଜାତିର ଶାନ୍ତି ଓ ସମୃଦ୍ଧି ପାଇଁ, ଆମେ ବାସ୍ତବରେ ଏକ ନୂତନ ଦିଗନ୍ତ ଉନ୍ମୋଚନ କରି ପାରିବା । ସେତିକି ବେଳେ ଭକ୍ତ କବି ମଧୁସୂଦନଙ୍କର

"ବୈକୁଣ୍ଠ ସମାନ ଆହା ଅଟେ ସେହି ଘର

ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର"

ଏହି ଅମୃତ ବାଣୀକୁ ମାଟିର ମା ଆମ ଜନ୍ମଭୂମିରେ ବାସ୍ତବରେ ସମ୍ଭବ କରି ପାରିବା ।

---

# ଟସର ପୋକ ପାଳନ:
# ଏହାର ରୋଗ ଏବଂ ଶତ୍ରୁ

ଦେଶ ବିଦେଶରେ ଟସର ଲୁଗାର ସୁବିଧା ଯେଉଁଳି ବୃଦ୍ଧିପାଉଛି, ତଦ୍ୱାରା ଟସର ଶିଳ୍ପ ଏକ ଲାଭପ୍ରଦ ଶିଳ୍ପରେ ପରିଣତ ହୋଇଛି । ବିଶେଷ କରି ବିଦେଶକୁ ଟସର ଲୁଗା ରପ୍ତାନୀ କରିପାରିଲେ ଆମ ଦେଶ ପ୍ରଚୁର ବୈଦେଶିକ ମୁଦ୍ରା ଅର୍ଜନ କରିବାପାଇଁ ସକ୍ଷମ ହେବ । ଟସର ପୋକ ପାଳନ ଆଦିବାସୀମାନଙ୍କର ଏକ ପ୍ରଧାନ ଜୀବିକା । ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାରେ ବହୁଳ ଭାବେ ଟସର ଚାଷ କରାଯାଏ । ଏହା ଛଡ଼ା କଟକ, ବାଲେଶ୍ୱର, ସୁନ୍ଦରଗଡ଼ ଏବଂ ଢେଙ୍କାନାଳ ଜିଲ୍ଲାର କେତେକ ଅଞ୍ଚଳରେ ବି ଏହି ପୋକ ପାଳନ କରାଯାଇଥାଏ । ମୟୂରଭଞ୍ଜ ଜିଲ୍ଲାରେ ସେପ୍‌ଟେମ୍ବରରୁ ନଭେମ୍ବର ମାସ ମଧ୍ୟରେ ଏବଂ କେନ୍ଦୁଝର ଜିଲ୍ଲାରେ ସେପ୍‌ଟେମ୍ବରରୁ ନଭେମ୍ବର ଏବଂ ଡିସେମ୍ବରରୁ ଜାନୁଆରୀ ମାସ ମଧ୍ୟରେ ଟସର ପୋକ ପାଳନ କରାଯାଇଥାଏ ।

ଟସର ବିହନଗୁଡ଼ିକୁ ସାଧାରଣତଃ ଜଙ୍ଗଲରୁ ସଂଗ୍ରହ କରାଯାଇ ସେଗୁଡ଼ିକୁ ମାଳ ମାଳ କରି ଝୁଲାଇ ଦିଆଯାଏ । ସେଥିରୁ ମାଈ ଏବଂ ଅଣ୍ଡିରା ପ୍ରଜାପତି (Moth) ବାହାରନ୍ତି । ପ୍ରଜାପତିଗୁଡ଼ିକ ସାଧାରଣତଃ ସନ୍ଧ୍ୟାପରେ ବାହାରିଥାନ୍ତି । ମାଈ ପ୍ରଜାପତିଗୁଡ଼ିକୁ (Female Moth) ଡାଳିରେ (ଏକ ପ୍ରକାର କେନା ବାହାରି ଥିବା ଡାଳରେ) ବସାଇ ଜଙ୍ଗଲକୁ ନିଆଯାଏ । ଅନ୍ୟଆଡୁ ଅଣ୍ଡିରା ପ୍ରଜାପ୍ରତି ଆସି ସହବାସ କରେ । ସେହି ଅବସ୍ଥାରେ ଡାଳିକୁ ଆଣି ଘରେ ରଖାଯାଏ । ତା ପର ଦିନ ଅର୍ଥାତ୍ ୧୨ ଘଣ୍ଟା ପରେ ମାଈ ପ୍ରଜାପ୍ରତିକୁ ଅଣ୍ଡିରା ପ୍ରଜାପତିଠାରୁ ଅଲଗା କରି ସେଗୁଡ଼ିକୁ ବାଉଁଶ ଡାଲାରେ ରଖାଯାଏ । ସେଠାରେ ପ୍ରତି ମାଈ ପ୍ରଜାପତି ୩ ଦିନ ଯାଏ ୨୫୦ ରୁ ୩୦୦ ପର୍ଯ୍ୟନ୍ତ ଅଣ୍ଡା ଦିଏ । ଏହି ଅଣ୍ଡାଗୁଡ଼ିକୁ ଛୋଟ ଛୋଟ ବାଉଁଶ ଡାଲା କିମ୍ବା ଶିଆଳୀ ପତ୍ର ଖୋଳରେ ରଖାଯାଏ । ୮ ରୁ ୧୦ ଦିନ ମଧ୍ୟରେ ଏହି ଅଣ୍ଡାରୁ ଛୋଟ ଛୋଟ ପୋକ ବାହାରେ । ପରେ ବାଉଁଶ ଡାଲା କିମ୍ବା ପତ୍ର ଖୋଳ ସହିତ ସେଗୁଡ଼ିକ ନେଇ ଶାଳ, ଅସନ କିମ୍ବା ଅର୍ଜୁନ ଗଛର ଡାଳରେ ଝୁଲାଇ ଦିଆଯାଏ । ଛୋଟ ଟସର ପୋକଗୁଡ଼ିକ ସାରା ଗଛରେ ଖେଳିଯାଆନ୍ତି । ଏଭଳି ପୋକ ଅବସ୍ଥାରେ ସେମାନେ ୪୦ ରୁ ୫୦ ଦିନ ପର୍ଯ୍ୟନ୍ତ ପତ୍ର ଖାଆନ୍ତି । ଗଛରୁ ପତ୍ର ସରିଯିବାପରେ ନିକଟସ୍ଥ ଅନ୍ୟାନ୍ୟ ଗଛକୁ ପୋକଗୁଡ଼ିକୁ ସ୍ଥାନାନ୍ତର କରାଯାଏ । ପୋକ କୋଷା ବାନ୍ଧିବା ପର୍ଯ୍ୟନ୍ତ ରୋଗର ଆକ୍ରମଣରୁ ରକ୍ଷା କରିବା ପାଇଁ ବିଭିନ୍ନ ସତର୍କତାମୂଳକ ବ୍ୟବସ୍ଥା ଅବଲମ୍ବନ କରାଯାଏ । ପୋକ ଅବସ୍ଥାରେ ଏମାନଙ୍କର ୪ ଥର କାତି ଛାଡ଼େ ଏବଂ ପୋକ ୫ମ ଅବସ୍ଥାରେ ପହଂଚିବାପରେ ପୋଖତ ହୁଏ । ଏହାପରେ ଟସର ପୋକ କୋଷା ତିଆରି କରେ ଏବଂ ୩ ଦିନ ମଧ୍ୟରେ ତାହା ସଂପୂର୍ଣ୍ଣ ହୁଏ । କୋଷାଗୁଡ଼ିକ ତିଆରି ହେବାର ୧୦।୧୨ ଦିନ ପରେ ଡାଳଗୁଡ଼ିକୁ କାଟି ସେଥିରୁ କୋଷାଗୁଡ଼ିକ ସଂଗ୍ରହ କରାଯାଏ ।

ଟସର ପୋକ ପାଳନ ପରେ ଭଲ ପତ୍ର ଆସିବା ପାଇଁ ଗଛଗୁଡ଼ିକୁ କାଟି ଦିଆଯାଏ । ପ୍ରତ୍ୟେକ ଚାଷୀର ଅନ୍ତତଃ ପକ୍ଷେ ୨ ଟି ଅଡ଼ା ପାହି (Rearing field) ଥାଏ । ୨ ବର୍ଷରେ ଥରେ ଗୋଟିଏ ଅଡ଼ା ପାହିରେ ଟସର ପୋକ ପାଳନ କରଯାଏ । ଟସର ପୋକପାଳନକାରୀ ପ୍ରଧାନତଃ ଅସନ ଗଛରେ ଟସର ପୋକ ପାଳନ କରିଥାଏ ।

କୋଷାଗୁଡ଼ିକୁ ସଂଗ୍ରହ କରି ସେଗୁଡ଼ିକୁ ବାମ୍ପ ସାହାଯ୍ୟରେ ମାରିଦିଆଯାଏ । କୋଷା ଭିତରେ ଯେଉଁ ପୋକ ବା ପ୍ୟୁପା (Pupa) ଥାଏ ତାହା ମରିଯାଏ । ଫଳରେ ପ୍ୟୁପା ପ୍ରଜାପତି ହୋଇ କୋଷା କାଟି ବାହାରି ଆସେ-ନାହିଁ । ଏହାଦ୍ୱାରା ଟସର କୋଷା ନଷ୍ଟ ହୁଏ ନାହିଁ ଏବଂ ସେଥିରୁ ସରୁ ସୂତା ବାହାରେ । ଟସର କୋଷାଗୁଡ଼ିକ ମାରି ଦିଆଯିବା ପରେ ସେଗୁଡ଼ିକୁ ଖରାରେ ଶୁଖାଇ ଟସର ପୋକ ପାଳନକାରୀ ତାକୁ ନେଇ ନିକଟସ୍ଥ ଟସର ଶିଳ୍ପ ସମବାୟ ସମିତିରେ ବିକ୍ରି କରି ଉପଯୁକ୍ତ ମୂଲ୍ୟ ପାଏ ।

ଉନ୍ନତ ଏବଂ ରୋଗମୁକ୍ତ ଟସର ଅଣ୍ଡା ଟସର ପୋକ ପାଳନକାରୀମାନଙ୍କୁ ଯୋଗାଇ ଦେବାପାଇଁ ସଂପୃକ୍ତ ବିଭାଗ ତରଫରୁ ଟସର ବିହନ କେନ୍ଦ୍ରମାନ ସ୍ଥାପନ କରାଯାଇଛି । ଏହିଠାରୁ ଟସର ଚାଷୀମାନେ ଟସର ଅଣ୍ଡା ନେଇ ଅଧିକ ଟସର କୋଷା ଉତ୍ପାଦନ କରିପାରୁଛନ୍ତି । ଉନ୍ନତ ଧରଣର ଟସର ପୋକ ପାଳନ ପାଇଁ ମଧ୍ୟ ଗବେଷଣା ଚାଲିଛି । ଟସର କୋଷା ସଂଗ୍ରହ ପାଇଁ ଟସର ସମବାୟ ସମିତିମାନ ଗଠନ କରାଯାଇଅଛି । ଟସର ଚାଷ ଏକ ଲାଭଜନକ ବ୍ୟବସାୟ ଏବଂ ସାଧାରଣତଃ ଗୋଟିଏ ଚାଷରୁ ୪୦୦ ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଆୟ ହୋଇଥାଏ ।

## ଟସର୍ ପୋକର ରୋଗ

ମଣିଷ ଏବଂ ପଶୁପକ୍ଷୀମାନଙ୍କ ପରି ଟସର ପୋକ ମଧ୍ୟ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଥାଏ। ଟସର ପୋକକୁ ଯେଉଁ ରୋଗ ଆକ୍ରମଣ କରେ ସେଗୁଡ଼ିକ ହେଲା: ଝେରା ବା ଫ୍ଲାଚେରୀ (Flacherie) ଓଳମା ବା ଗ୍ରାସେରୀ (Grasarie), ପେବ୍ରିନ୍ (Pebrine) ଏବଂ ମସ୍କାଡାଇନ (Muscandine)। ଶେଷ ଦୁଇ ପ୍ରକାର ରୋଗ ଯଥା ପେବ୍ରିନ୍ ଏବଂ ମସ୍କାଡାଇନ୍ ଖୁବ୍ କ୍ୱଚିତ୍ ଦେଖାଯାଏ । ପେବ୍ରିନ୍ ଏକ ପ୍ରକାର Sporodroan ଏବଂ ମସ୍କାଡାଇନ୍ ଏକ ପ୍ରକାର Fungus ଦ୍ୱାରା ହୋଇଥାଏ । ପ୍ରଥମ ଦୁଇ ପ୍ରକାର ରୋଗ ଯଥା ଫ୍ଲାଚେରୀ ଏବଂ ଗ୍ରାସେରୀ ଆମର ଟସର ପୋକ ପାଳନ ସ୍ଥାନମାନଙ୍କରେ ଦେଖାଯାଏ । ଏହି ରୋଗ ଲାଗିଲେ ଟସର ପୋକ ମରିଯାଏ । ଏହି ରୋଗ ଆକ୍ରମଣ କଲେ ଶତକଡ଼ା ୩୦—୩୫ ଭାଗ ଟସର ପୋକ ରୋଗ ଆକ୍ରମଣରେ ମରିଥାନ୍ତି ।

## ଝେରା ବା ଫ୍ଲାଚେରୀ (Flacherie) ରୋଗ

ଏ ରୋଗ ଏକ ପ୍ରକାର ଜୀବାଣୁ (Bacteria) ଦ୍ୱାରା ହୋଇଥାଏ । ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଏହି ରୋଗାକ୍ରାନ୍ତ ଟସର ପୋକକୁ ପରୀକ୍ଷା କରି ଦେଖିଲେ ଚେନ୍‌ପରି କିମ୍ବା ଜମାଠାରୁ ଟିକିଏ ବଡ଼ ବ୍ୟାକ୍‌ଟେରିଆ ଦେଖାଯାଏ । ପୋକ ରୋଗାକ୍ରାନ୍ତ ହେଲେ ସେ ଭଲଭାବେ ପତ୍ର ଖାଇପାରେ ନାହିଁ । ପଛ ଡାଳରେ ଏଣେତେଣେ ଘୁରି ବୁଲନ୍ତି । ଦେହ ଦୁର୍ବଳ ହୋଇଯାଏ । ପୋକର ମଳଦ୍ୱାର ବାହାରକୁ ବାହାରି ଆସି ସାଧାରଣତଃ ଲାଲ ରଙ୍ଗ ଦେଖାଯାଏ । ଏହା ଫୋଟକା ପରି ଦେଖାଯାଏ ବୋଲି କେହି କେହି ମଧ୍ୟ ଏହାକୁ ଫୁଟୁକା ରୋଗ କହନ୍ତି । ଶେଷରେ ଟସର ପୋକ ମରି ଗଛତଳେ ପଡ଼େ । ପୋକର ୨ୟ ଅବସ୍ଥାରେ ଏହି ରୋଗ ଦେଖାଯାଏ । ଏହି ରୋଗରେ ରୋଗାକ୍ରାନ୍ତ ପୋକ ଟସର କୋଷା ତିଆରି କରିପାରେ ନାହିଁ ।

## ଓ୍ୱଳମା ବା ଗ୍ରାସେରି (Grasarie)

ଏହି ରୋଗ ଏକ ପ୍ରକାର ଭାଇରସ୍ (Virus) ଦ୍ୱାରା ହୋଇଥାଏ । ଏହି ରୋଗରେ ପଡ଼ିଲେ ଟସର ପୋକ ପତ୍ର ଭଲଭାବେ ଖାଇପାରେନାହିଁ । ଗଛ ଡାଳରେ ଏଣେତେଣେ ବୁଲିବୁଲେ । କ୍ରମଶଃ ଦୁର୍ବଳ ହୋଇ ପୋକ ମରିଯାଇ ମୁଣ୍ଡକୁ ତଳକୁ କରି ଡାଳରେ ଓହଳି ରହେ । ଏହି ରୋଗ ଟସର ପୋକର ୩ୟ, ୪ର୍ଥ ଏବଂ ୫ମ ଅବସ୍ଥାରେ ଭଲଭାବେ ଦେଖାଯାଏ ।

ଅତ୍ୟଧିକ ବର୍ଷା, ଝଡ, ଖରା, ଆର୍ଦ୍ରତା, ନିକୃଷ୍ଟ ବିହନ ଏବଂ ଅପରିଷ୍କାର ପରିବେଶ ଇତ୍ୟାଦି ଏହି ରୋଗ ଆକ୍ରମଣର କେତେକ କାରଣ । ଏହି ରୋଗରୁ ଟସର ପୋକକୁ ରକ୍ଷା କରିବାପାଇଁ ଏପର୍ଯ୍ୟନ୍ତ କୌଣସି ଔଷଧ ବାହାରି ନାହିଁ । ଏ ବିଷୟରେ ଗବେଷଣା ମଧ୍ୟ ଚାଲିଛି । ଉତ୍କୃଷ୍ଟ ବିହନ, ଅନୁକୂଳ ଜଳବାୟୁ, ପରିଷ୍କାର ପରିଚ୍ଛନ୍ନ ପରିବେଶ ଏବଂ ଭଲ ପତ୍ରଥିବା ଗଛରେ ଟସର ପୋକ ପାଳନ କଲେ ଏହି ରୋଗର ସମ୍ଭାବନା କମ୍ ।

## ଟସର ପୋକର ଶତ୍ରୁ

ଟସର ପୋକ ପାଳନ ଘର ବାହାରେ ଅର୍ଥାତ୍ ଶାଳ, ଅସନ ଏବଂ ଅର୍ଜ୍ଜୁନ ଗଛ ତଥା ଖୋଲାପଡ଼ିଆରେ ହେଉଥିବାରୁ ଏହାକୁ ବହୁ ଶତ୍ରୁ ଆକ୍ରମଣ କରି ନଷ୍ଟ କରିଥାଆନ୍ତି । ଶତକଡା ୪୦–୪୫ ଭାଗ ଟସର ପୋକ ଏହି ଶତ୍ରୁ ଆକ୍ରମଣରେ ନଷ୍ଟ ହୋଇଥାନ୍ତି । ଏହି ପୋକର ଦେହରେ କୌଣସି ବିଷାକ୍ତ ପଦାର୍ଥ ନ ଥିବାରୁ ଏହା ନିଜକୁ ଶତ୍ରୁ ଆକ୍ରମଣରୁ ରକ୍ଷାକରି ପାରେନାହିଁ । ତେବେ ଏହାର ଦେହର ରଙ୍ଗ ସାଧାରଣତଃ ପତ୍ର ରଙ୍ଗ ପରି ହୋଇଥିବାରୁ ଏହା ନିଜକୁ ପତ୍ର ଭିତରେ ଘୋଡାଇ ରଖି କେତେକାଂଶରେ ଆତ୍ମରକ୍ଷା କରିପାରିଥାଏ । ଟସର ପୋକକୁ ବିଭିନ୍ନ ଶତ୍ରୁର କବଳରୁ ରକ୍ଷା କରିବାପାଇଁ ଦିନ ରାତି ଟସର ପୋକ ପାଳନକାରୀଙ୍କୁ ଜଗିବାକୁ ପଡ଼ିଥାଏ ।

ପକ୍ଷୀମାନେ ଟସର ପୋକର ଅନ୍ୟ ଏକ ଶତ୍ରୁ । ଏମାନେ ଦିନ ଏବଂ ରାତିରେ ଟସର ପୋକକୁ ଆକ୍ରମଣ କରି ନଷ୍ଟକରିଥାନ୍ତି । ଦିନରେ କଣି, କୁଆ ଏବଂ କଜଳପାତି ସାଧାରଣତଃ ଆକ୍ରମଣ କରନ୍ତି । ରାତିରେ ବାଦୁଡ଼ି, ପେଚ୍ଚା, ଝୁମଚଢା, ଢେଁକିଲି ଇତ୍ୟାଦି ନଷ୍ଟ କରିଥାନ୍ତି । ଏମାନେ ଟସର ପୋକ ବା ଉର୍ଣ୍ଣା ଏବଂ ଟସର ପ୍ରଜାପତି ବା ମଥ୍ ଅବସ୍ଥାରେ ଖାଇ ନଷ୍ଟ କରିଥାନ୍ତି ।

କୀଟପତଙ୍ଗ ମଧ୍ୟରେ ବିରୁଡ଼ି (Wasp polistes hebracus), କଳରା ମଂଛି (Canthecona furcellata Fam-penta tomidae) ହାତୀ ଅଣ୍ଡା (Sycanus collaris-Fam-Reduvidae) Ichnenmon fly-Xantho-pimpla predator-Fam-Ichnenmonidae) Red ants-(occo phylla smargdina), Praying mantis Hiroeula bipapilla-Fam-Mantidae) ଏବଂ Tachinid fly (Mascicera grandis-Fam Tachinidae) ପ୍ରଧାନ । ଏମାନେ ଟସର ପୋକକୁ ବିଭିନ୍ନ ଅବସ୍ଥାରେ ପୋଡ଼ି ବା କାମୁଡ଼ି ଦେଇ ନଷ୍ଟକରିଥାନ୍ତି ।



ମୁଖ୍ୟମନ୍ତ୍ରୀ ଶ୍ରୀମତୀ ଶତପଥୀ ଗୁଣଖାଇଠାରେ ଆଦିବାସୀମାନଙ୍କୁ କୃଷିକାମପାଇଁ ଲଙ୍ଗଳ ଓ ବଳଦ ପ୍ରଦାନ କରୁଛନ୍ତି ।

# ଚିତ୍ରେ ସମ୍ବାଦ

ଶ୍ରୀମତୀ ଶତପଥୀ ଗୁଣଖାଇଠାରେ ଆଦିବାସୀମାନଙ୍କୁ ଛାଗପାଳନ ନିମନ୍ତେ ଋଣ ପ୍ରଦାନ କରୁଛନ୍ତି ।





କୃଷି ଏବଂ ସମବାୟ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭାଗିରଥୀ ଗମାଙ୍ଗ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟକ୍ରମ ଅନୁଯାୟୀ ନୂଆଗାଁଠାରେ ଆଦିବାସୀମାନଙ୍କୁ ଲଙ୍ଗଳ ଏବଂ ବଳଦ ପ୍ରଦାନ କରୁଛନ୍ତି ।

# ଚିତ୍ରେ ସମ୍ବାଦ

କୃଷି ଏବଂ ସମବାୟ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭାଗିରଥୀ ଗମାଙ୍ଗ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟକ୍ରମ ଅନୁଯାୟୀ ନୂଆଗାଁଠାରେ ଆଦିବାସୀ ପରିବାରବର୍ଗଙ୍କୁ କୃଷି ଯନ୍ତ୍ରପାତି, ଲଙ୍ଗଳ ଓ ବଳଦ ପ୍ରଦାନ କରୁଛନ୍ତି ।



ଛୁଚା ଏବଂ ପିମ୍ପୁଡ଼ି ମଧ୍ୟ ଟସର ପୋକ ଛୋଟ ଥିଲାବେଳେ ଖାଇଦେଇଥାନ୍ତି । ଟସର କୋଷା ଅମଳକଲା ପରେ ସେଗୁଡ଼ିକୁ ତଳେ ରଖିଦେଲେ ପିମ୍ପୁଡ଼ି ଘଷି ବା ଖଣ୍ଡାକରି ନଷ୍ଟ କରିଦିଅନ୍ତି । ଗାମାକ୍ସିନ୍ ଇତ୍ୟାଦି ବ୍ୟବହାର କଲେ ଏମାନେ ମରିଯାଆନ୍ତି ।

ସାପ, ଏଣ୍ଡୁଅ (Calotes), ଝିଟିପିଟି, (Lizard), ବହୁରୂପୀ (Chamelion), ଟକେଇ-ନେଉଳ ଇତ୍ୟାଦି ଟସର ପୋକ ଏବଂ ଟସର ପ୍ରଜାପତି ବା ମଥ୍‌କୁ ଖାଇ ନଷ୍ଟ କରିଥାଆନ୍ତି ।

ଏହା ବ୍ୟତୀତ ଅନ୍ୟାନ୍ୟ ଶତ୍ରୁମାନଙ୍କ ମଧ୍ୟରେ ଗୁଣ୍ଡୁଚିମୂଷା, ପାହାଡ଼ିଆମୂଷା, ଝୁଟିଆ ମୂଷା, ସାଧାରଣ ମୂଷା, ନେଉଳ, ଚିଲୁଆ, ମାଙ୍କଡ଼, ଇତ୍ୟାଦି ଟସର ପୋକକୁ ଖାଇ ନଷ୍ଟ କରିବା ସଙ୍ଗେ ସଙ୍ଗେ ଟସର କୋଷାକୁ ମଧ୍ୟ କାଟି ନଷ୍ଟ କରିଦିଅନ୍ତି । ଟସର ଚାଷୀ କଠିନ ପରିଶ୍ରମ କରି ଟସର ପୋକକୁ ଏମାନଙ୍କ ଆକ୍ରମଣରୁ ରକ୍ଷା କରିଥାଆନ୍ତି ।

(ଲେଖକ ଶ୍ରୀ ବି: ବି: ରଥ ସଂପ୍ରତି ବାରିପଦାଠାରେ ରେଶମ ଶିବିର ଗବେଷଣା ଅଧିକାରୀ ଅଛନ୍ତି )

---

## ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଯୋଗାଣ

ଗ୍ରାମ ବିଦ୍ୟୁତ୍‌କରଣ କର୍ପୋରେସନ ଦ୍ୱାରା ଅନୁମୋଦିତ ଆଉ ଏକ ଯୋଜନା ଅନୁଯାୟୀ ଓଡ଼ିଶାର ଅଧିକ ୬୮ ଟି ଅନଗ୍ରସର ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆ ଯାଇ ପାରିବ । ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଋଣ ଆକାରରେ ରାଜ୍ୟ ବିଦ୍ୟୁତ୍ ବୋର୍ଡକୁ ପ୍ରାୟ ୨୨ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ ।

କୋରାପୁଟ ଜିଲ୍ଲାର ମୁନିଗୁଡ଼ା ଓ ବିଷମ-କଟକ ବ୍ଲକଠାରେ ଏହି ଯୋଜନା କାର୍ଯ୍ୟକାରୀ ହେବ ଏବଂ ଏହା କାର୍ଯ୍ୟକାରୀ ହେବାର ୫ ବର୍ଷ ପରେ ୭୩୯ ଗୋଟି ପମ୍ପ ସେଟ୍ ଏବଂ ୬୦ ଟି ଛୋଟ ଛୋଟ ଶିଳ୍ପାନୁଷ୍ଠାନକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇ ପାରିବ । ଏହା ଛଡ଼ା ଏହି ଯୋଜନା କାର୍ଯ୍ୟକାରୀ ହେଉଥିବା ଅଂଚଳର ୧,୧୫୪ ଟି ଗୃହ, ୧୫୦ ଟି ବ୍ୟବସାୟ ପ୍ରତିଷ୍ଠାନ ଏବଂ ୨୨୧ଟି ଗ୍ରାମ୍ୟରାସ୍ତାରେ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ରାଜ୍ୟରେ ଏଭଳି ୪୧ ଟି ଯୋଜନା ପାଇଁ ଗ୍ରାମ୍ୟ ବିଦ୍ୟୁତ୍‌କରଣ କର୍ପୋରେସନ୍ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୬·୭୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏସବୁ ଯୋଜନା ସମ୍ପୂର୍ଣ୍ଣ ହେବା-ପରେ ୩୪,୦୦୦ରୁ ଅଧିକ ପମ୍ପ ସେଟ୍ ଏବଂ ୫,୧୬୦ ଟି ଛୋଟ ଛୋଟ ଶିଳ୍ପପ୍ରତିଷ୍ଠାନକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇ ପାରିବ । ଏହା ବ୍ୟତୀତ ସଂପୃକ୍ତ ଗ୍ରାମାଞ୍ଚଳରେ ବହୁସଂଖ୍ୟକ ବାସଗୃହ, ଦୋକାନ ବଜାର ତଥା ଗ୍ରାମ ରାସ୍ତାରେ ବିଦ୍ୟୁତ୍ ଶକ୍ତି ମଧ୍ୟ ଯୋଗାଇ ଦିଆଯାଇ ପାରିବ ।

# ଗୋବର ଗ୍ୟାସ ପ୍ଲାଣ୍ଟ

ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଏକ ଗୋବର ଗ୍ୟାସ ପ୍ଲାଣ୍ଟ ଉଦ୍‌ଭାବନ କରାଯାଇଛି । ଏହି ପ୍ଲାଣ୍ଟରୁ ମିଥେନ୍‌ଜାତୀୟ ଗ୍ୟାସ ଉପଲବ୍ଧ ହୁଏ । ଏହି ଗ୍ୟାସ ରନ୍ଧନ କାର୍ଯ୍ୟରେ ବ୍ୟବହୃତ ହେବ ଏବଂ ପରୁ ଗୋବରତକ ଖତ ରୂପେ ଜମିରେ ବ୍ୟବହୃତ ହୋଇପାରିବ ।



ରନ୍ଧନ କାର୍ଯ୍ୟରେ ବ୍ୟବହୃତ ଗୋବର ଗ୍ୟାସ

ଖଦୀ ଓ ଗ୍ରାମ୍ୟ ଶିଳ୍ପ କମିଶନ ଏବଂ କୃଷି ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ପଞ୍ଚମ ଯୋଜନା କାଳରେ ଏହି ଧରଣର ୫୦ ହଜାର ଗୋବର ଗ୍ୟାସ ପ୍ଲାଣ୍ଟପ୍ରତିଷ୍ଠା କରିବାପାଇଁ ଯୋଜନା କରାଯାଇଛି । ଯୋଜନାର ପ୍ରଥମ ଦୁଇ ବର୍ଷ ଭିତରେ ୨୦ ହଜାର ପ୍ଲାଣ୍ଟ ବସାଯିବ ।

ଦେଶରେ ଗୋବର ଗ୍ୟାସ ପ୍ଲାଣ୍ଟକୁ ଲୋକପ୍ରିୟ କରିବାପାଇଁ ଖଦୀ କମିଶନ ଏକ କୋଟି ୫୫ ଲକ୍ଷ ଟଙ୍କା ଋଣ ଏବଂ ୪୮ ଲକ୍ଷ ୧୨ ହଜାର ଟଙ୍କା ଗ୍ରାଣ୍ଟ ଆକାରରେ ଦେଇଛନ୍ତି ।

ଗୋବର ଗ୍ୟାସ କିପରି ରନ୍ଧନ କାର୍ଯ୍ୟରେ ବ୍ୟବହୃତ ହୁଏ ତା'ର ନମୁନା ଉପରୋକ୍ତ ଚିତ୍ରରେ ଦିଆଯାଇଛି ।

———

# ଶାନ୍ତି ପାଇଁ ପରମାଣୁ

କେ. ସୁବ୍ରମନ୍ୟମ

ଗତ ମଇ ୧୮ ତାରିଖ ସକାଳେ ରାଜସ୍ଥାନର ପୋଖରାନଠାରେ ଯେଉଁ ପରମାଣୁ ଶକ୍ତି ପରୀକ୍ଷା କରାଗଲା, ତାହା ଦେଶର ବିକାଶ ଲାଗି ଉଦ୍ଦିଷ୍ଟ ବୈଜ୍ଞାନିକ ଗବେଷଣାର ଏକ ଅଂଶବିଶେଷ । ବିଶେଷକରି ଖଣି ଏବଂ ମୃତ୍ତିକା ଖନନାଦି କାର୍ଯ୍ୟରେ ଏହା କିପରି ସହାୟକ ହେବ, ସେଥିପାଇଁ ଏହା ଏକ ଶାନ୍ତିପୂର୍ଣ୍ଣ ପଦକ୍ଷେପ ବୋଲି ସରକାର ସ୍ପଷ୍ଟଭାବରେ ଜଣାଇ ଦେଇଛନ୍ତି ।

ସରକାର ଆଉ ମଧ୍ୟ ଜଣାଇ ଦେଇଛନ୍ତି ଯେ, ଭାରତ ପରମାଣୁ ଅସ୍ତ୍ର ପ୍ରସ୍ତୁତ କରିବାକୁ ଚାହେଁ ନାହିଁ ଏବଂ ତାହାକୁ ଯୁଦ୍ଧରେ ବ୍ୟବହାର କରିବାର ସେ ଘୋର ବିରୋଧୀ । ପରମାଣୁ ଶକ୍ତି କମିଶନ ଚେୟାରମ୍ୟାନ୍ ଡଃ ସେଠ୍‌ନାଙ୍କ ବିବୃତିରୁ ଏହା ସ୍ପଷ୍ଟ ଲକ୍ଷ୍ୟ କରି ହେବ ।

ପୃଥିବୀର କେତେକ ଦେଶ ଏ ଘଟଣାରେ ନିରାଶ ହୋଇଛନ୍ତି । ପ୍ରଥମ ଥର ପାଇଁ ଗୋଟିଏ ଦେଶ ଭୂ-ଗର୍ଭରେ ପରମାଣୁ ଶକ୍ତି ପରୀକ୍ଷା କରି ମଧ୍ୟ ପରମାଣୁ ଅସ୍ତ୍ର ପ୍ରସ୍ତୁତ କରିବାକୁ ମନାକରୁଛି ଏବଂ ଯୁଦ୍ଧରେ ତାର ବ୍ୟବହାରକୁ ବିରୋଧ କରୁଛି । ନାଜିଜର୍ମାନୀ କାଳେ ଅଣୁ ବୋମା ଉଦ୍‌ଭାବନ କରିବାରେ ଆଗେଇଯିବ, ଏଇ ଭୟରେ ଯୁକ୍ତରାଷ୍ଟ୍ର ଆମେରିକା ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କଲା । ସୋଭିଏତ୍ ରୁଷ, ବ୍ରିଟେନ, ଫ୍ରାନ୍ସ ଏବଂ ଚୀନ ପ୍ରଥମେ ଯେତେବେଳେ ପରୀକ୍ଷାମୂଳକ ଭାବେ ପରମାଣୁ ଶକ୍ତି ବିସ୍ଫୋରଣ କଲେ, ଘୋଷଣା କଲେ ଯେ, ସେମାନଙ୍କର ଜାତୀୟ ନିରାପତ୍ତା ଲାଗି ବିପଦ ଆସିଲେ ଏହାଦ୍ୱାରା ତାର ମୁକାବିଲା କରିବେ ।

ଅଣୁଅସ୍ତ୍ର କ୍ଷେତ୍ରରେ କେତେକ ଦେଶର ଏକଚାଟିଆ ଅଧିକାରକୁ ଭାଙ୍ଗି ଦେଇ ପାରିଥିବାରୁ ରୁଷ ଓ ଚୀନ ଗର୍ବ ଅନୁଭବ କରିଥିଲେ । ଚୀନ କହିଥିଲା ଯେ, ସେ କେବେ ପ୍ରଥମ କରି ଅଣୁ ଅସ୍ତ୍ର ବ୍ୟବହାର କରିବ ନାହିଁ । ଅଣୁଅସ୍ତ୍ର ବ୍ୟବହାର କ୍ଷେତ୍ରରେ ସଂଯମ ଆଚରଣ କରିବା ପାଇଁ ବିଭିନ୍ନ ଦେଶ ଅନେକ ଦର୍ଶନ ଓ ମତବାଦ ସୃଷ୍ଟି କରିଛନ୍ତି । କିନ୍ତୁ ଆମର ପରଂପରା ସେ କ୍ଷେତ୍ରରେ ସଂପୂର୍ଣ୍ଣ ପୃଥକ୍ ।

୧୯୪୪ ମାର୍ଚ୍ଚ ୧୨ ତାରିଖରେ ଡ଼କ୍ଟର ଭାବା ସାର ଦୋରାବ୍‌ଜି ଟାଟା ଟ୍ରଷ୍ଟକୁ ଏକ ପତ୍ର ଲେଖିଥିଲେ । ସେ ସେଥିରେ ମୌଳିକ ଗବେଷଣା ଉପରେ ଏକ ଅନୁଷ୍ଠାନ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ସେ ଭବିଷ୍ୟତ ବାଣୀ ଶୁଣାଇଥିଲେ ଯେ, ଶକ୍ତି ଉତ୍ପାଦନ କ୍ଷେତ୍ରରେ ଯଦି ପରମାଣୁ ଶକ୍ତିର ସଦୁପଯୋଗ କରାଯାଏ, ଆଉ ଦୁଇ ଦଶନ୍ଧି ମଧ୍ୟରେ ଭାରତ ଆଉ ବାହାରକୁ ଯାଇ ବିଶେଷଜ୍ଞ ଖୋଜିବାକୁ ପଡ଼ିବ ନାହିଁ । ଦେଶରେହିଁ ବିଶେଷଜ୍ଞମାନେ ବାହାରି ପଡ଼ିବେ ।

୧୯୫୪ ରେ ଜେନେଭା ଶାନ୍ତି ସମ୍ମିଳନୀରେ ଡକ୍ଟର ଭାଭା କହିଥିଲେ, ଆସନ୍ତା ୨୦ ବର୍ଷ ମଧ୍ୟରେ ଫ୍ୟୁଜନ କ୍ଷମତା ଆସିବ । ୧୯୫୬ ମସିହାରେ ଏସିଆ ମହାଦେଶରେ ପ୍ରଥମ କରି ଭାରତରେ ଗବେଷଣା ରିଆକ୍ଟର ଅପ୍ସରାର ପ୍ରତିଷ୍ଠା ପ୍ରଥମ କରି ପ୍ଲୁଟୋନିୟମ ଅଲଗା କରିବା ଯନ୍ତ୍ର ୧୯୬୪ ରେ ବସିଲା । ଏଥିରୁ ଜଣାପଡ଼ିବ ଯେ ଭାରତ ତା'ର ପରମାଣୁ ଶକ୍ତି ସଂପଦ ବିଷୟରେ ପୂର୍ଣ୍ଣ ଅବହିତ ଥିଲା ଏବଂ ତାର ବିକାଶ ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଚଳାଇ ଆସିଥିଲା ।



ପରୀକ୍ଷାମୂଳକ ଭୂଗର୍ଭ ପରମାଣୁ ବିସ୍ଫୋରଣ ପରେ ସୃଷ୍ଟି ହୋଇଥିବା ଗର୍ତ୍ତ । (ବିମାନଯୋଗେ ଗ୍ରହଣ କରାଯାଇଥିବା ଆଲୋକଚିତ୍ର)

ଆମର ଥୋରିୟମ୍ ସଂପଦ ପ୍ରଚୁର, କିନ୍ତୁ ୟୁରାନିୟମ ସୀମିତ । ଏକ ବିସ୍ତୃତ ଅଣୁ ଶକ୍ତି କାର୍ଯ୍ୟକ୍ରମକୁ ସଷ୍ଟ କରିବା ପାଇଁ ଆମର ଭିତ୍ତିପ୍ରସ୍ତର ପଡ଼ିସାରିଛି । କିନ୍ତୁ ଭାରତ ଦୂରଦୃଷ୍ଟିର ସହ ଏହାକୁ କେବଳ ବିକାଶମୂଳକ କାର୍ଯ୍ୟରେ ପ୍ରୟୋଗ କରିବା ପାଇଁ ଉଦ୍ୟମ ଚଳାଇଛି । ଡ଼ଃ ଭାଭା କହିଥିଲେ ଗଠନମୂଳକ କାର୍ଯ୍ୟ ଲାଗି ଯେତେବେଳେ ଶାନ୍ତିପୂର୍ଣ୍ଣ ବିସ୍ଫୋରଣକୁ ଜନତା ଗ୍ରହଣ କରିବେ, ସେତେବେଳକୁ ସେସବୁ ପ୍ରକଳ୍ପକୁ ଦେଶରେ କାର୍ଯ୍ୟକାରୀ କରିବା ଲାଗି ଆମକୁ ଆମେରିକା, ରୁଷ ବା ଚୀନ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ ।

୧୯୭୧ ଡିସେମ୍ବର ସୁଦ୍ଧା ଶାନ୍ତିପୂର୍ଣ୍ଣ ଉପଯୋଗ ଉଦ୍ଦେଶ୍ୟରେ ଆମେରିକା ପକ୍ଷରୁ ଚଉଦଟି ଓ ସୋଭିଏତ୍ ୟୁନିୟନ ପକ୍ଷରୁ ସତରଟି ଭୂଗର୍ଭସ୍ଥ ବିସ୍ଫୋରଣ କରାଯାଇଥିଲା । ସେତେବେଳେ ଆମେରିକା ଆହୁରି ଦଶଟି ଏବଂ ସୋଭିଏତ୍

ୟୁନିୟନ ଆହୁରି ୧୭ଟି ବିସ୍ଫୋରଣ ଯୋଜନା କରିଥିଲେ । କେନାଲ ଖନନ, ଭୂଗର୍ଭରେ ସଂରକ୍ଷଣ, ପ୍ରାକୃତିକ ଗ୍ୟାସ ତଥା ତୈଳ ଉଦ୍‌ବେଳନ ତଥା ଜଳ ଭଣ୍ଡାର ପାଇଁ ଏହିସବୁ ପରୀକ୍ଷାମାନ କରାଯାଇଥିଲା ।

ବେସାମରିକ କାର୍ଯ୍ୟରେ ପରମାଣୁ ଶକ୍ତିର ବ୍ୟବହାର ଉଦ୍ଦେଶ୍ୟରେ ମତ ବିନିମୟ କରିବାଲାଗି ଆମେରିକା ଓ ସୋଭିଏତ ୟୁନିୟନର ପ୍ରତିନିଧିମାନେ ଅତୀତରେ ତିନିଥର ପରସ୍ପର ମଧ୍ୟରେ ଆଲୋଚନା କରିଛନ୍ତି । ଏହି



ପରମାଣୁ ବିସ୍ଫୋରଣ ପରେ ସୃଷ୍ଟି ହୋଇଥିବା ଗର୍ତ୍ତର ମଧ୍ୟଭାଗ (ଚିତ୍ରର ଉପର ଅଂଶ) ଏବଂ ଗର୍ତ୍ତ ମଧ୍ୟସ୍ଥ ଦେଖାଯାଉଥିବା ସ୍ତୂପ (ଚିତ୍ରର ନିମ୍ନ ଅଂଶ)

ବୈଠକଗୁଡ଼ିକ ୧୯୬୯ ଏପ୍ରିଲରେ ଭିଏନାଠାରେ, ୧୯୭୦ ଫେବ୍ରୁୟାରୀରେ ମସ୍କୋଠାରେ ଏବଂ ୧୯୭୧ ଜୁଲାଇରେ ୱାସିଙ୍ଗଟନ୍‌ଠାରେ ବସିଥିଲା ।

ସେହି ବୃହତ ଶକ୍ତିମାନଙ୍କ ହାତରେ ପରମାଣୁ ଶକ୍ତି ରହିଛି ସେମାନେ ଏହାର ଏକଚାଟିଆ କାରବାର କରି ପାତରଅନ୍ତର ଭେଦ କରୁଛନ୍ତି । ଭାରତ ଓ ବ୍ରାଜିଲ ଏହାର ପ୍ରବଳ ପ୍ରତିରୋଧ କରି ଆସିଛନ୍ତି । କିନ୍ତୁ ପରମାଣୁ ଶକ୍ତିସଂପନ୍ନ ରାଷ୍ଟ୍ରଗୁଡ଼ିକ ପରମାଣୁ ଶକ୍ତିର ଶାନ୍ତିପୂର୍ଣ୍ଣ ତଥା ସାମରିକ ଉପଯୋଗକୁ ସମାନ ପର୍ଯ୍ୟାୟରେ ବିଚାର କରିବାରୁ ଭାରତ ପରମାଣୁ ବିରୋଧୀ ଚୁକ୍ତି ବାହାରେ ରହିବାକୁ ପସନ୍ଦ କରିଥିଲା ।

ପରମାଣୁ ଶକ୍ତି ଅଧିକାର ଭିତ୍ତିରେ ସେହି ରାଷ୍ଟ୍ରମାନେ ପୃଥିବୀକୁ ଦୁଇଭାଗରେ ବିଭକ୍ତ କରି ରଖିଥିଲେ । ବର୍ତ୍ତମାନ ଭାରତ ହାତରେ ପରମାଣୁ ଶକ୍ତିଥିଲେ ମଧ୍ୟ ଏହା ପରମାଣୁ ଅସ୍ତ୍ର ସଂପନ୍ନ ଏକ ରାଷ୍ଟ୍ରଭାବରେ ଘୋଷିତ ହେବାକୁ ନାପସନ୍ଦ କରେ । ପରମାଣୁ ବିରୋଧୀ ଚୁକ୍ତିର ପୁରୋଧା ରାଷ୍ଟ୍ରମାନଙ୍କ ଆଗରେ ଏହା ଏକ ନୂତନ ପରିସ୍ଥିତି ।

ଆସନ୍ତାବର୍ଷ ପରମାଣୁ ବିରୋଧୀ ଚୁକ୍ତିର ପର୍ଯ୍ୟାଲୋଚନା କରିବା ପାଇଁ ଏକ ସମ୍ମିଳନୀ ଅନୁଷ୍ଠିତ ହେବ । ସେଥିପାଇଁ ଆଜଠୁଁ ଆଲୋଚନା ଆରମ୍ଭ ହୋଇସାରିଣି । ଏହି ପରିପ୍ରେକ୍ଷୀରେ ଭାରତ ପକ୍ଷରୁ ଯେଉଁ ପରମାଣୁ ବିସ୍ଫୋରଣ କରାଗଲା ତାହା ପରମାଣୁ ନିରସ୍ତ୍ରୀକରଣ ତଥା ପରମାଣୁ ଶକ୍ତିର ଶାନ୍ତିପୂର୍ଣ୍ଣ ଉପଯୋଗ କ୍ଷେତ୍ରରେ ନୂତନ ଭାବନା ସୃଷ୍ଟି କରିବ । ଏହା ଫଳରେ ପରମାଣୁ ବିରୋଧୀ ଚୁକ୍ତି ଏକ ନୂତନ ଦିଗଦର୍ଶନ ହେବ ।

———

## ନୂଆ ଖାଦ୍ୟ ସଂରକ୍ଷଣ ଫ୍ଲାସ୍କ

ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଗବେଷଣାଗାରରେ ଏକ ନୂଆ ଖାଦ୍ୟ ସଂରକ୍ଷଣ ଫ୍ଲାସ୍କ ବାହାର କରାଯାଇଛି । ଥଣ୍ଡା ରଖିବାର କୌଣସି ବ୍ୟବସ୍ଥା ନ ଥାଇ ବା କୌଣସି ରାସାୟନିକ ଦ୍ରବ୍ୟ ବ୍ୟବହାର ନକରି ଏଥିରେ ତିନିଦିନଯାଏ ଖାଦ୍ୟଦ୍ରବ୍ୟକୁ ସତେଜ ରଖିହେବ । ଏଥିରେ ବ୍ୟବହୃତ ପ୍ରଣାଳୀଟି ହେଲା— ଜଳୀୟ ବାଷ୍ପ ଦ୍ୱାରା ପ୍ରଥମେ ଖାଦ୍ୟକୁ ସିଝାଇ ବାୟୁନଥିବା ଫ୍ଲାସ୍କରେ ତାକୁ ରଖାଯିବ ଏବଂ ପରେ ଫ୍ଲାସ୍କଭିତରେ ଥିବା ଜଳୀୟ ବାଷ୍ପକୁ ଜଳରେ ପରିଣତ କରାଯିବ । ଘରେ ଖାଇବା ପରେ ବଳକା ଖାଦ୍ୟକୁ ଏଥିରେ ରଖିବା ସୁବିଧା ହେବ । ଦୂରଯାତ୍ରା ବେଳେ ଏହି ଫ୍ଲାସ୍କରେ ଖାଦ୍ୟଦ୍ରବ୍ୟ ନେଲେ ବାଟରେ ନଷ୍ଟ ହେବାର ଭୟ ନାହିଁ । ଫ୍ଲାସ୍କଭିତରେ ରହିବାପରେ ଖାଦ୍ୟର ଗୁଣ ବା ସ୍ୱାଦରେ କୌଣସି ପରିବର୍ତ୍ତନ ଘଟେ ନାହିଁ । ଏହି ଫ୍ଲାସ୍କ ପ୍ରସ୍ତୁତ କରିବାରେ ବ୍ୟବହୃତ ଦୁଇଟି ପ୍ରଧାନ ଅଂଶର ନାମ ହେଉଛି ସିଁନ୍‌ଥ ଓ ଫ୍ଲାସ୍କ ପ୍ରେସ୍ । ଏଭଳି ଏକ ଫ୍ଲାସ୍କର ଦାମ ୨୫ ଟଙ୍କା କରି ପଡ଼ିବ ।

# ନୌ-ବାଣିଜ୍ୟ କ୍ଷେତ୍ରରେ ପାରାଦୀପ ବନ୍ଦରର ଭୂମିକା

ନିଜ ନିଜ ଭାଗ୍ୟ ଅନ୍ୱେଷଣରେ ଦୂରଦୂରାନ୍ତ ଦେଶଗୁଡ଼ିକୁ ଯାଉଥିବା ସାହସୀ ନାବିକମାନଙ୍କ ଦ୍ୱାରା ଭାରତୀୟ ନୌ-ବାଣିଜ୍ୟର ଏକ ଗୌରବମୟ ପରମ୍ପରା ରହିଛି । ଅତୀତରେ ଭାରତୀୟ ବଣିକ ତଥା ସେମାନଙ୍କ ବାଣିଜ୍ୟ-ପୋତ ସୁଦୂର ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶମାନଙ୍କ ସହିତ ଘନିଷ୍ଠ ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ସଂପର୍କ ସ୍ଥାପନ କରି ପାରିଥିଲେ । ଏହାପରେ ଭାରତୀୟ ନୌ-ଚଳାଚଳର ଅଧୋପତନ ଘଟିଲା । ଦେଶର ଅନ୍ୟାନ୍ୟ ଶିଳ୍ପ ସମେତ ନୌ-ଶିଳ୍ପ ମଧ୍ୟ ଏକ ଗୁରୁତର ସଙ୍କଟର ସମ୍ମୁଖୀନ ହେଲା ।

ସୁନାମଧନ୍ୟ କଳିଙ୍ଗ (ଓଡ଼ିଶା) ସନ୍ତାନମାନଙ୍କ ବୀରତ୍ୱର କାହାଣୀ, ଯେଉଁମାନେ କି ଖ୍ରୀଷ୍ଟ ଜନ୍ମର ବହୁ-ପୂର୍ବରୁ ବଙ୍ଗୋପସାଗର ଓ ପ୍ରଶାନ୍ତ ମହାସାଗର ପାର ହୋଇ ବ୍ୟବସାୟ ବାଣିଜ୍ୟ ଉଦ୍ଦେଶ୍ୟରେ ଜାଭା, ବୋର୍ଣ୍ଣିଓ, ବାଲି ଓ ସୁମାତ୍ରା ଆଦି ସୁଦୂର ଦେଶଗୁଡ଼ିକୁ ଯାଉଥିଲେ, ତାହା ଆଜିର ଉତ୍କଳୀୟମାନଙ୍କ ନିକଟରେ ଏକ କିମ୍ବଦନ୍ତୀ ହୋଇ ରହିଯାଇଛି । ଅତୀତ ଉତ୍କଳର ସେହି ସୁନାମଧନ୍ୟ ବୀର ନାବିକମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍କଳୀୟମାନେ ଛୋଟ ଛୋଟ କଦଳୀ ଡ଼ଙ୍ଗା ଭସାଇ ଥାଆନ୍ତି । ଧନ ସଂପଦରେ ପରିପୂର୍ଣ୍ଣ ସେହି ଅତୀତ ଉତ୍କଳର ଉପକୂଳ ତାମ୍ରଲିପ୍ତ-ଠାରୁ ମୁସ୍ୱଲିପଟମ ଯାଏ ୫୦୦ ମାଇଲ ପର୍ଯ୍ୟନ୍ତ ବିସ୍ତାର ଲାଭ କରିବା ସଙ୍ଗେ ସଙ୍ଗେ ସମଗ୍ର ଉପକୂଳ ଅଞ୍ଚଳରେ ଛୋଟ ବଡ଼ ବହୁ ବନ୍ଦର ଗଢ଼ି ଉଠିଥିଲା । ଉତ୍କଳୀୟ ବଣିକମାନେ ଏ ସମସ୍ତ ଅଞ୍ଚଳରେ ବ୍ୟବସାୟ ବାଣିଜ୍ୟ କରିବା ସଙ୍ଗେ ସଙ୍ଗେ ଉତ୍କଳୀୟ ସଭ୍ୟତା, ସଂସ୍କୃତି ତଥା କଳା ଓ ଭାସ୍କର୍ଯ୍ୟର ମଧ୍ୟ ପ୍ରସାର ଘଟାଇଥିଲେ । ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହାର ନୌ-ସାମ୍ରାଜ୍ୟ 'ସୁବର୍ଣ୍ଣ ଦ୍ୱୀପ' ନାମରେ ଖ୍ୟାତି ଅର୍ଜନ କରିଥିଲା ।

ଭାରତରେ ଆଧୁନିକ ଜାହାଜ ଚଳାଚଳର ଶୁଭାରମ୍ଭ ହେଲା ୧୯୧୯ ଅପ୍ରେଲ ୫ ତାରିଖରେ । ଆମ ଦେଶର ପ୍ରଥମ ଜାହାଜ "ଏସ୍. ଏସ୍. ଲୟାଲଟି" ବମ୍ବେଠାରୁ ଇଂଲଣ୍ଡ ଯାତ୍ରା କରିଥିଲା । କିନ୍ତୁ ବ୍ରିଟିଶ୍ ରାଜତ୍ୱ କାଳରେ ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅଗ୍ରଗତି ଘଟି ନଥିଲା । ୧୯୪୭ ମସିହାରେ ଦେଶ ସ୍ୱାଧୀନତା ହାସଲ କରିବା ପରେ ଭାରତୀୟ ଜାହାଜ ଚଳାଚଳ କ୍ଷେତ୍ରରେ ଆଶାତୀତ ପରିବର୍ତ୍ତନ ଘଟିଲା । ସରକାରୀ ସାହାଯ୍ୟ ସହଯୋଗ ଫଳରେ ବେସର-କାରୀ ଜାହାଜ କର୍ତ୍ତୃପକ୍ଷ ଏ ଦିଗରେ ବେଶ୍ ଉତ୍ସାହିତ ହୋଇ ଜାହାଜ ଚଳାଚଳର ପ୍ରସାର ଘଟାଇବା ଦିଗରେ ଯତ୍ନବାନ ହେଲେ । ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ଭାରତୀୟ ଜାହାଜ ପରିବହନ କ୍ଷମତା ଥିଲା ମାତ୍ର ୧'୯୨ ଲକ୍ଷ ଜି. ଆର. ଟି ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ଚଳାଚଳ କରୁଥିବା ୪୮ ଟି ଜାହାଜ ସମେତ ୧୧ ଟି ଦରିଆ-ପାରି ଜାହାଜ ରହିଥିଲା । ବର୍ତ୍ତମାନ ଆମ ଦେଶରେ ଜାହାଜ ପରିବହନ କ୍ଷମତା ୩ ଲକ୍ଷ ଜି. ଆର. ଟି. କୁ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଉପକୂଳବର୍ତ୍ତୀ ତଥା ଦରିଆପାରି ଜାହାଜ ସଂଖ୍ୟା ୨୬୨ କୁ ବୃଦ୍ଧି ପାଇଛି । ପଞ୍ଚମ ପଞ୍ଚବାର୍ଷିକ ଯୋଜନା କାଳରେ ଜାହାଜ ପରିବହନ କ୍ଷମତା ୧୦ ଲକ୍ଷ ଜି. ଆର. ଟି. କୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏ ଦିଗରେ ଭାରତୀୟ ଜାହାଜ କର୍ପୋରେସନ ଏହାର ଅଧାଅଧି ଖର୍ଚ୍ଚ ବହନ କରିବେ ।

# ପାରାଦୀପ ବନ୍ଦର

ପାରାଦୀପ ବନ୍ଦର ପ୍ରତିଷ୍ଠା ଫଳରେ ଓଡ଼ିଶା ପୁନର୍ବାର ପୃଥିବୀର ନୌ-ବାଣିଜ୍ୟ ମାନଚିତ୍ରରେ ସ୍ଥାନ ପାଇ ପାରିଛି । ଏହାର ଗଭୀରତା ୧୨'୮ ମିଟର ହୋଇଥିବାରୁ ଏହା ପୃଥିବୀର ଏକ ଗଭୀରତମ ବନ୍ଦର ହୋଇପାରିଛି । ଆନ୍ତର୍ଜାତିକ ସ୍ତରରେ ଯେଉଁ ମାନ ନିର୍ଦ୍ଧାରଣ କରାଯାଇଛି ତାହା ସଙ୍ଗେ ଏହା ସମାନ । ଏହା ଏକ ହ୍ରଦାକୃତି ବନ୍ଦର ଏବଂ ୧୮୫୦ ମିଟର ଦୈର୍ଘ୍ୟବିଶିଷ୍ଟ ଏକ ସଂଯୋଗକାରୀ ନାଳ ମଧ୍ୟ ଅଛି । ନାଳର ଆରମ୍ଭରୁ ପ୍ରବେଶଦ୍ୱାର ପର୍ଯ୍ୟନ୍ତ ଅନ୍ତରୀଣ ଦୂରତ୍ୱ ୩୦୦ ମିଟର । ଅର୍ଦ୍ଧ ଗୋଲାକାର ବୃତ୍ତର ବ୍ୟାସ ୫୨୦ ମିଟର । ୮ ଲକ୍ଷ ଘନ ମିଟର ସ୍ଥାନ ଖୋଳାଯାଇଛି । ଉତ୍ତର ପାର୍ଶ୍ୱ ତରଙ୍ଗରୋଧକ ବନ୍ଧର ଦୈର୍ଘ୍ୟ ୫୩୮ ମିଟର ଓ ଦକ୍ଷିଣ ପାର୍ଶ୍ୱ ବନ୍ଧର ଦୈର୍ଘ୍ୟ ୧୨୧୭ ମିଟର । ବନ୍ଦର ପ୍ରବେଶ ଦ୍ୱାରରେ ବାଲି ଜମୁଥିବାରୁ ବାରମ୍ବାର ଖୋଳାଯାଇ ଏହାର ଗଭୀରତା ରକ୍ଷା କରାଯାଉଛି ।

ଏହି ବନ୍ଦର ଜରିଆରେ ୧୯୭୨ ମସିହାରେ ମୋଟରେ ୧୯,୧୧,୩୭୦ ଟନ୍ ମାଲପତ୍ର ଆମଦାନୀ ରପ୍ତାନୀ କରାଯାଇଥିଲା । ୧୯୭୨ ଏପ୍ରେଲରୁ ଡିସେମ୍ବର ମାସ ମଧ୍ୟରେ ମୋଟ ୧୪,୩୦,୫୮୭ ଟନ୍ ମାଲ ଏହି ବନ୍ଦରରେ କାରବାର ହୋଇଥିଲା । ଏଥି ମଧ୍ୟରେ ମୁଖ୍ୟତଃ ଖଣିଜ ପଥର ଅନ୍ତର୍ଭୁକ୍ତ । ଏସବୁ ସାଧାରଣତଃ ଜାପାନ, ରୁମାନିଆ, ଯୁଗୋସ୍ଲୋଭିଆ, ପୋଲାଣ୍ଡ ଓ ଚେକୋସ୍ଲୋଭାକିଆ ପ୍ରଭୃତି ଦେଶଗୁଡ଼ିକୁ ରପ୍ତାନୀ କରାଯାଇଥିଲା । ଏହି ବନ୍ଦର ଦେଇ ରପ୍ତାନୀ କରାଯାଉଥିବା ଲୁହା ପଥର କେନ୍ଦୁଝର ଜିଲାର ବଡ଼ଜାମୁଣ୍ଡା ଓ ଗନ୍ଧମାର୍ଦ୍ଦନ ଖଣି ଏବଂ କଟକ ଜିଲା ଦଇତାରୀ ଖଣିରୁ ଆସେ । ୧୯୭୨ ମଧ୍ୟରେ ମୋଟରେ ୧୭,୭୬,୪୦୧ ଟନ୍ ଲୁହା ପଥର ରପ୍ତାନୀ କରାଯାଇ ଥିଲା । ପୂର୍ବବର୍ଷ ଠିକ୍ ସେତିକି ସମୟ ମଧ୍ୟରେ ୭୬,୬୬୮ ଟନ୍ କ୍ରୋମ୍ ପଥର ରପ୍ତାନୀ କରାଯିବା ସ୍ଥଳେ ୧୯୭୨ ରେ ୧,୦୨,୬୯୨ ଟନ୍ କ୍ରୋମ୍ ପଥର ରପ୍ତାନୀ କରାଯାଇଥିଲା । ୧୯୭୨ ରେ ଏହି ବନ୍ଦରରେ ବିଶେଷକରି ଜାପାନ, ପୋଲାଣ୍ଡ, ଲାଇବେରିଆ, ନରୱେ, ଗ୍ରୀସ୍, ଚେକୋସ୍ଲୋଭାକିଆ ଇତ୍ୟାଦି ବିଭିନ୍ନ ଦେଶର ଜାହାଜ ଆସି ଲାଗିଥିଲା ।

ଜାତୀୟ ପ୍ରୟୋଗାତ୍ମକ ଅର୍ଥନୀତି ଏବଂ ଗବେଷଣା ପରିଷଦର ଅନୁଧ୍ୟାନରୁ ଜଣାଯାଏ ଯେ ପାରାଦୀପର ପ୍ରାୟ ୧ ଲକ୍ଷ ବର୍ଗମାଇଲ ପରିମିତ ଅଭ୍ୟନ୍ତର ଅଞ୍ଚଳ ଖଣିଜ ସମ୍ପଦରେ ଭରପୂର । ଭାରତୀୟ ଭୂତତ୍ତ୍ୱ ସର୍ଭେ ସଂସ୍ଥା ଦ୍ୱାରା ମଲାଙ୍ଗଟୋଲିଠାରେ ଏକ ବିରାଟ ଲୁହା ଖଣି ଏବଂ ଯାଜପୁର ନିକଟବର୍ତ୍ତୀ କଂସଠାରେ ଏକ ନିକେଲ ଖଣିର ସନ୍ଧାନ ମିଳିଛି । , ବିପୁଳ ପରିମାଣରେ ଖଣିଜ ସଂପଦ ସାଙ୍ଗକୁ ବଡ଼ ବଡ଼ ଶିଳ୍ପ କାରଖାନାମାନଙ୍କରୁ ଉତ୍ପାଦିତ ଫେରୋକ୍ରମ, ଫେରୋମାଙ୍ଗାନିଜ, ଲୌହ ପିଣ୍ଡ ଓ ଇସ୍ପାତ୍ ଆଦି ଏହି ବନ୍ଦରରୁ ବିଦେଶକୁ ରପ୍ତାନୀ କରାଯାଇ ପାରିବ ।

ପଞ୍ଚମ ଯୋଜନା କାଳରେ ଏହି ବନ୍ଦରର ବ୍ୟାପକ ସଂପ୍ରସାରଣ କରାଯିବ । ଏହାର ରପ୍ତାନୀ କ୍ଷମତା ବର୍ତ୍ତମାନ ୨ ଲକ୍ଷ ଟନ୍ ଥିବା ସ୍ଥଳେ ପଞ୍ଚମ ଯୋଜନାର ପ୍ରାରମ୍ଭରେ ଏହା ୩ ରୁ ୪ ଲକ୍ଷ ଟନ୍ କୁ ବୃଦ୍ଧି ପାଇବ ଓ ପଞ୍ଚମ ଯୋଜନାର ଶେଷ ବେଳକୁ ଏହା ୮ ଲକ୍ଷ ଟନ୍‌କୁ ପହଞ୍ଚିବ ।

# ରାଷ୍ଟ୍ରପତିଙ୍କ ଅଧ୍ୟାଦେଶ ଓ ସାଂପ୍ରତିକ ଭାରତୀୟ ମୁଦ୍ରାସ୍ଫୀତି

ଶ୍ରୀ ବୈଷ୍ଣବ ଚରଣ ପଣ୍ଡା

୧୯୭୪ ମସିହା ଜୁଲାଇ ୬ ତାରିଖ ଭାରତୀୟ ଅର୍ଥନୈତିକ ଇତିହାସରେ ଏକ ସ୍ମରଣୀୟ ଦିବସ । ଭାରତରେ ରାଷ୍ଟ୍ରପତି ସେହି ଦିନ ଏ ଦେଶର ମୁଦ୍ରାସ୍ଫୀତି ପରି ଏକ ଅର୍ଥନୈତିକ ଦୁରାରୋଗ୍ୟର ଅପସାରଣ ନିମିତ୍ତ ଦୁଇଟି ଅଧ୍ୟାଦେଶ ବା ଅର୍ଡ଼ିନାନ୍ସ ଜାରି କରିଛନ୍ତି । ଏହି ଅଧ୍ୟାଦେଶ ମଧ୍ୟରୁ ଗୋଟିଏ ହେଲା କଂପାନୀ ଲାଭ ଉପରେ ସାମୟିକ ପ୍ରତିବନ୍ଧକ ଅର୍ଡ଼ିନାନ୍ସ ଏବଂ ଅନ୍ୟଟି ହେଲା ଅତିରିକ୍ତ ଆୟର ବାଧ୍ୟତାମୂଳକ ପାଣ୍ଠି ଅର୍ଡ଼ିନାନ୍ସ ।

କଂପାନୀ ଲାଭ ଉପରେ ସାମୟିକ ପ୍ରତିବନ୍ଧକ ଅର୍ଡ଼ିନାନ୍ସ ଅନୁଯାୟୀ ଗୋଟିଏ କଂପାନୀ ଏହାର ଅଂଶୀଦାରମାନଙ୍କ ଆୟକର ଉପରେ ନିଟ୍ ଲାଭର ଏକ ତୃତୀୟାଂଶ ବା ମୂଳଧନ ଉପରେ ଦିଆଯାଉଥିବା ଲାଭାଂଶର ଶତକଡ଼ା ୧୨ ଭାଗ ମଧ୍ୟରୁ ଯେଉଁଟି କମ୍, ସେତିକି ମାତ୍ର ଦେବେ । ଅବଶିଷ୍ଟ ଲାଭ ଜମା ହୋଇ ରହିବ । ଏହା ଦୁଇବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ ଏବଂ ଉଭୟ ଦେଶୀ ଓ ବିଦେଶୀ କମ୍ପାନୀମାନଙ୍କ ପ୍ରତି ପ୍ରଯୁଜ୍ୟ ହେବ । କେବଳ ଯେଉଁ କଂପାନୀମାନଙ୍କର ଲାଭ ବଣ୍ଟନ ଭାରତୀୟ ଆୟକର ଆଇନର ୧୦୪ ଧାରା ଅନୁଯାୟୀ ଆଇନ୍‌ରେ ପରିଣତ ହୋଇଛି ସେଥିପ୍ରତି ଏହା ଲାଗୁ ହେବ ନାହିଁ ।

ଦ୍ୱିତୀୟ ଅର୍ଡ଼ିନାନ୍ସ ହେଲା ଅତିରିକ୍ତ ଆୟ ବାଧ୍ୟତାମୂଳକ ପାଣ୍ଠି ଅର୍ଡ଼ିନାନ୍ସ । ଏହି ଅର୍ଡ଼ିନାନ୍ସ ଫଳରେ ମୁଦ୍ରାସ୍ଫୀତି ଯୋଗୁଁ ମଜୁରୀ ଓ ବେତନ ବର୍ଦ୍ଧକ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ ସିନା ମାତ୍ର ଏହାର ବ୍ୟୟ ବନ୍ଦୀ ହୋଇ ରହିବ । ଏହାର ଅର୍ଥ ହେଲା ଲୋକଙ୍କର ଆୟ ବୃଦ୍ଧି ହେବ ସିନା ମାତ୍ର ସେମାନେ ବ୍ୟୟ କରିପାରିବେ ନାହିଁ । ବର୍ଦ୍ଧିତ ଦରମା ଓ ଭତ୍ତା ସେମାନଙ୍କୁ ପରିଶୋଧ ନ କରି ଏହାକୁ ବାଧ୍ୟତାମୂଳକ ଭାବରେ କେନ୍ଦ୍ର ବ୍ୟାଙ୍କ ତଥା ରିଜର୍ଭ ବ୍ୟାଙ୍କରେ ଗଚ୍ଛିତ କରି ରଖାଯିବ । ମହଙ୍ଗାଭତ୍ତା ବୃଦ୍ଧିର ଶତକଡ଼ା ୫୦ ଭାଗ ମଧ୍ୟ ଏହିପରି ଦୁଇବର୍ଷ ଜମା ହୋଇ ରହିବ । ଜମାକାରୀମାନେ ଏହା ଉପରେ ଶତକଡ଼ା ୧୧ ଭାଗ ସୁଧ ପାଇବେ ଏବଂ ଜମା ରଖିଥିବା ଟଙ୍କା ବର୍ଷେ କିମ୍ବା ଦୁଇବର୍ଷ ପରେ, ପାଞ୍ଚବର୍ଷ ମଧ୍ୟରେ ପରିଶୋଧ କରାଯିବ । ଏହି ସୁଧ ଉପରେ ଆୟକର ବସିବ ନାହିଁ । ଏହି ବ୍ୟବସ୍ଥାକୁ ମଜୁରୀବନ୍ଦୀ ବୋଲି ଭାବିବା ଉଚିତ ନୁହେଁ । ଏହା ଏକ ବ୍ୟୟ ବନ୍ଦୀ ବ୍ୟବସ୍ଥା । ପଦୋନ୍ନତି, ଏସ ଦରମା କମିଶନଙ୍କର ସୁପାରିଶ ବ୍ୟବସ୍ଥା ଯୋଗୁଁ ବୃଦ୍ଧି ଦରମା ପ୍ରତି ଏହା ଲାଗୁ ହେବ ନାହିଁ ବା ଶ୍ରମିକ ସଂଘ ମଜୁରୀ ବୃଦ୍ଧି ନିମିତ୍ତ ଯେଉଁ ଦାବୀ କରିବେ ତାହା ଉପରେ କୌଣସି ପ୍ରଭାବ ପକାଇବ ନାହିଁ । ଏହା ମଧ୍ୟ ବିକାଶ ବ୍ୟବସ୍ଥାର ଅନୁରୂପ ନୁହେଁ । କାରଣ ଏଠାରେ ସଂଗୃହୀତ ମୁଦ୍ରା କେବଳ ଦେଶର ମୁଦ୍ରା ପ୍ରଚଳନରୁ ପ୍ରତ୍ୟାହୃତ ହେବ ମାତ୍ର ସରକାର ଏହାକୁ ନିଜର ସମ୍ବଳ ପରି ବ୍ୟୟ କରି ପାରିବେ ନାହିଁ ।

ସମ୍ପାଦକୀୟ....

ଏହି ଦୁଇ ଅର୍ଡିନାନ୍ସର ପୃଷ୍ଠଭୂମି ସମସ୍ତେ ଜଣା ଅଧିକେ ଅଂଶେ ଜାଣିଛନ୍ତି । ଦରଦାମ ବୃଦ୍ଧିର ପ୍ରତିକ୍ରିୟା ସମାଜର ସବୁ ଶ୍ରେଣୀର ଲୋକଙ୍କ ଉପରେ ପଡ଼ିଛି । ବିଚାର ଓ ଆଲୋଚନା କରି ଦେଖାଯାଇଛି ଯେ ଭାରତରେ ମୁଦ୍ରାସ୍ଫୀତି ଅନେକ କ୍ଷେତ୍ରରେ ଅଧିକ ମାଗଣର ଚାପ ଯୋଗୁଁ ସୃଷ୍ଟି ହୋଇଛି । ଅଧିକ ମାଗଣର ଚାପ ହ୍ରାସ କରିବାକୁ ହେଲେ ଦେଶରେ ସଂଚୟର ବୃଦ୍ଧି ଓ ଉପଭୋଗର ନିୟନ୍ତ୍ରଣ ସର୍ବାଗ୍ରେ ବିଧେୟ । ଏହି ଦୃଷ୍ଟିରୁ ବିଚାର କଲେ ଏହି ଅଧ୍ୟାଦେଶ ଦୁଇଟି ସ୍ୱାଗତଯୋଗ୍ୟ ।

କମ୍ପାନୀ ଲାଭ ଉପରେ ହୋଇଥିବା ଅଧ୍ୟାଦେଶ ଫଳରେ ଅଂଶୀଦାରମାନେ ଉଦ୍‌ବୃତ୍ତ ଲଭ୍ୟାଂଶ ନେଇ କୌଣସି ପ୍ରକାର ଅପବ୍ୟୟମୂଳକ ଖର୍ଚ୍ଚ କରିପାରିବେ ନାହିଁ । ଏହା ଫଳରେ ସମାଜର ଧନୀକ ଲୋକମାନଙ୍କର ବ୍ୟୟ ଯାହା ଜାତୀୟ ମାଗଣ ଉପରେ ଅତିରିକ୍ତ ଚାପ ସୃଷ୍ଟିକରେ ତାହା ସୀମିତ ହେବ । ଫଳରେ ଦେଶର ଅର୍ଥନୀତିରେ ମାଗଣର ଚାପ ହ୍ରାସ ପାଇବ ଏବଂ ଏହା ଦର ହ୍ରାସ ନିମିତ୍ତ ସହାୟକ ହେବ ।

ଅତିରିକ୍ତ ଆୟ ଉପରେ ହୋଇଥିବା ଅର୍ଡିନାନ୍ସ କଂପାନୀ ଲାଭ ଅର୍ଡିନାନ୍ସ ଅପେକ୍ଷା ଏକ ବ୍ୟାପକ ଅର୍ଡିନାନ୍ସ । ବହୁ କର୍ମଚାରୀଙ୍କ ବ୍ୟୟ ଉପରେ ଏହା ସୁନିଶ୍ଚିତ ପ୍ରଭାବ ପକାଇବ । ମଜୁରୀ ଓ ବେତନକୁ ବୃଦ୍ଧିକରି ବ୍ୟୟକୁ ବନ୍ଦୀ କରିବା ଫଳରେ ବାଧ୍ୟତାମୂଳକ ସଂଚୟ ବୃଦ୍ଧି ପାଇବ । ହିସାବକରି ଦେଖାଯାଇଛି ଯେ ବାର୍ଷିକ ଅନ୍ୟୂନ ପାଞ୍ଚଶହ କୋଟି ଟଙ୍କା ସଞ୍ଚୟ ବୃଦ୍ଧି ପାଇବ । ଫଳରେ ଦୁଇବର୍ଷରେ ହଜାରେ କୋଟି ଟଙ୍କା ସଂଚୟ ହୋଇପାରିବ । ସଞ୍ଚୟ ହିଁ ସମୃଦ୍ଧିର ମୂଳଦୁଆ । ସଞ୍ଚୟ ବୃଦ୍ଧି ଫଳରେ ଉତ୍ପାଦନ ଓ ଆୟ ବୃଦ୍ଧି ପାଇବ । ଉତ୍ପାଦନ ଓ ଆୟ ବୃଦ୍ଧି ପାଇଲେ ଦରର ହାର ନିଶ୍ଚୟ ଖସିବ । କେତେକଙ୍କ ମତରେ ମୁଦ୍ରାସ୍ଫୀତି ପରି ରାକ୍ଷସକୁ ନିୟନ୍ତ୍ରଣ କରିବାକୁ ହେଲେ କେବଳ ଆଇନଗତ ଆୟର ବ୍ୟୟ ବନ୍ଦୀ ନୁହେଁ, ସମସ୍ତ ପ୍ରକାର ଆୟର ବ୍ୟୟକୁ ବନ୍ଦୀ କରିବାକୁ ହେବ । ହିସାବ ବହିର୍ଭୂତ ମୁଦ୍ରାକୁ ସର୍ବାଗ୍ରେ ନିୟନ୍ତ୍ରଣ କରିବାକୁ ହେବ । କେବଳ ବ୍ୟକ୍ତିଗତ ବ୍ୟୟ ନୁହେଁ, ସରକାରୀ ସ୍ତରରେ ମଧ୍ୟ ଅତି ଉନ୍ନୟନ ଓ ଅନୁତ୍ପାଦନଶୀଳ ବ୍ୟୟଗୁଡ଼ିକ ଉପରେ କଟକଣା ଜାରି କରିବାକୁ ହେବ । ଦରଦାମ ସ୍ଥିର ରଖିବାକୁ ହେଲେ ଅତ୍ୟାବଶ୍ୟକ ଦ୍ରବ୍ୟର ଯୋଗାଣ ଓ ବଣ୍ଟନ ବ୍ୟବସ୍ଥାକୁ ପୂର୍ଣ୍ଣାଙ୍ଗ ଓ ନିର୍ଭୁଲ କରାଯିବ । କଳାବଜାରୀ ଓ ମୁନାଫା-ଖୋର ମହଜୁତ୍‌କାରୀମାନଙ୍କଠାରୁ ବାଧ୍ୟତାମୂଳକ ଭାବରେ ଖାଦ୍ୟଶସ୍ୟ ସଂଗ୍ରହ କରାଯିବା ଉଚିତ ।

ତଥାପି ଏହି ଅଧ୍ୟାଦେଶ ଏକ ଜାତୀୟ ଦୁର୍ଗତିର ନିରାକରଣ ନିମିତ୍ତ ନିଶ୍ଚିତ ଏବଂ ସ୍ୱାଗତଯୋଗ୍ୟ ପଦକ୍ଷେପ, ଏଥିରେ ସନ୍ଦେହ ନାହିଁ । ଆଶା ଏବଂ ବିଶ୍ୱାସ ଏହି ଦୁଇ ଅଧ୍ୟାଦେଶ ପରେ ଅନ୍ୟାନ୍ୟ ବ୍ୟବସ୍ଥାଗୁଡ଼ିକ ମଧ୍ୟ କାର୍ଯ୍ୟକାରୀ କରାଯିବ ।

———

# ଗ୍ରାମ ପୁନର୍ଗଠନ

ଏକଦା ଲୋକଲୋଚନ ଅଗୋଚରରେ ଥିବା ଢେଙ୍କାନାଳ ଜିଲ୍ଲାର ନୂଆଗାଁ ବର୍ତ୍ତମାନ ବହୁ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି । ତରଭା, ଖଲିବନ୍ଧ, ଅଇଣ୍ଠା, ସିଆରିଆ, ଲତାଦେଇପୁର, ବନମାଳୀ ପ୍ରସାଦ ଓ ମଦନପାଳ ଗ୍ରାମମାନଙ୍କରେ ମଧ୍ୟ ପରିବର୍ତ୍ତନ ଘଟିଛି । ଢେଙ୍କାନାଳ କଲେଜ ଜାତୀୟ ସେବା ସଂସ୍ଥା ସ୍ୱେଚ୍ଛାସେବକମାନଙ୍କ ଉଦ୍ୟମରେହିଁ ଏହି ଗ୍ରାମଗୁଡ଼ିକର ଉନ୍ନତି ସମ୍ଭବ ହୋଇପାରିଛି । ସ୍ୱେଚ୍ଛାସେବକମାନଙ୍କର ଏହି କାର୍ଯ୍ୟରେ ଜିଲ୍ଲା କର୍ତ୍ତୃପକ୍ଷ, ବିଭିନ୍ନ ଉନ୍ନୟନ ବିଭାଗ ଏବଂ କେନ୍ଦ୍ର ସହାୟତାରେ ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟ କରୁଥିବା କ୍ଷୁଦ୍ର ଚାଷୀ ଉନ୍ନୟନ ସଂସ୍ଥା ସବୁମତେ ସାହାଯ୍ୟ କରିଆସୁଛନ୍ତି ।

ଢେଙ୍କାନାଳ କଲେଜ ଜାତୀୟ ସେବା ସଂସ୍ଥା ପଚାଶ ଜଣ ସ୍ୱେଚ୍ଛାସେବକଙ୍କୁ ନେଇ ୧୯୭୦ରେ ଆରମ୍ଭ ହୋଇଥିଲା । ଏହି ସଂସ୍ଥାର କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ଉତ୍କଳ ବିଶ୍ୱ ବିଦ୍ୟାଳୟ ଏହାର ସଭ୍ୟ ସଂଖ୍ୟା ଦ୍ୱିଗୁଣିତ କରିଦେଲେ । ଗତ ଚାରି ବର୍ଷ ମଧ୍ୟରେ ଏହି ସଂସ୍ଥା ଗ୍ରାମ ପୁନଗଠନ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିଛନ୍ତି ।

ଢେଙ୍କାନାଳ ଜିଲ୍ଲା ସଦର ମହକୁମାର ଖୁବ୍ ନିକଟରେ ଅବସ୍ଥିତ ନୂଆଗାଁ ଦାରିଦ୍ର୍ୟ, ଅଜ୍ଞାନ ଓ ଆବର୍ଜନାର ତଥାକଥିତ ଭାରତୀୟ ଗ୍ରାମର ଏକ ପ୍ରତୀକ ରୂପେ ଥିଲା । ସ୍ୱେଚ୍ଛାସେବକମାନେ ଗ୍ରାମବାସୀଙ୍କ ଜୀବନ-ଯାତ୍ରା ପ୍ରଣାଳୀରେ ପରିବର୍ତ୍ତନ ଆଣିବା ପାଇଁ ଏହାକୁ ନିଜର କର୍ମଭୂମି ରୂପେ ବାଛିନେଲେ । ୧୯୭୨-୭୩ ବର୍ଷକ ମଧ୍ୟରେ ୮୫ ଜଣ ସ୍ୱେଚ୍ଛାସେବକ ଗାଁ ଭିତରେ ପ୍ରାୟ ୧୫ ଥର କ୍ୟାମ୍ପ୍ ପକାଇ ଗ୍ରାମବାସୀମାନଙ୍କୁ ଉନ୍ନତ ଜୀବନ ଯାପନ ଓ ବୈଜ୍ଞାନିକ କୃଷି ପ୍ରଣାଳୀ ସଂପର୍କରେ ବୁଝାଇଥିଲେ । ଗ୍ରାମବାସୀମାନଙ୍କ ସହାୟତାରେ ନିକଟବର୍ତ୍ତୀ ଏକ ଜଳାଶୟରୁ କେନାଲ ଖୋଳି ୫୦ ଏକର ଜମିରେ ପାଣି ମଡ଼ାଇବା ବ୍ୟବସ୍ଥା ହୋଇପାରିଲା । ଏମାନେ ସମସ୍ତେ ମିଶି ଦୁଇଟି ନୂଆ ପୋଖରୀ ଖୋଳିଲେ ଏବଂ ଗୋଟିଏ ପୁରୁଣା ବନ୍ଧକୁ ମାଟି ପକାଇ ମଜବୁତ୍ କରିଦେଲେ । ଉନ୍ନୟନ ସଂସ୍ଥାମାନଙ୍କ ସହାୟତାରେ ପ୍ରଥମ ଥର ପାଇଁ ଗାଁରେ ବାଲ୍ମ, ଜଗନ୍ନାଥ ଇତ୍ୟାଦି ଅଧିକ ଅମଳକ୍ଷମ ଧାନ, ସୂର୍ଯ୍ୟମୁଖୀ ଫୁଲ ଓ ପୁଷା ବୈଶାଖୀ ମୁଗ ଇତ୍ୟାଦି ଚାଷ କରାଗଲା । କ୍ଷୁଦ୍ର ଚାଷୀ ଉନ୍ନୟନ ସଂସ୍ଥା ଓ ଜାତୀୟକରଣ ବ୍ୟାଙ୍କ ସହ ଗ୍ରାମବାସୀମାନଙ୍କର ସଂପର୍କ ପ୍ରତିଷ୍ଠାରେ ସ୍ୱେଚ୍ଛାସେବୀମାନେ ସାହାଯ୍ୟ କଲେ । ଏହି ସଂସ୍ଥାମାନଙ୍କ ସାହାଯ୍ୟରେ ଋଣ ପାଇ ଗ୍ରାମରେ

ଅନେକ କୂଅ ଖୋଳା ଯାଇପାରିଲା । ଫଳବୃକ୍ଷ ଚିକୁ, ଅମୃତଭଣ୍ଡା, ପଣସ ଇତ୍ୟାଦି ଲଗାଇବା ପାଇଁ ଉତ୍ସାହିତ କରାଗଲା । ଗାଁ ଚାରିପଟୁ ସବୁ ଆବର୍ଜନା, ଘାସ ବୁଦା ନିର୍ମୂଳ କରି ଗାଁକୁ ସଫା ସୁତୁରା ରଖାଗଲା । ଗାଁ ରାସ୍ତା ତିଆରି କରାଗଲା । ଗ୍ରାମବାସୀମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧରେ ପ୍ରାଥମିକ ଶିକ୍ଷା ଦିଆଗଲା । ଗାଁର ଲୋକେ ଟୀକା ନେଲେ । ପାଞ୍ଚ ବର୍ଷରୁ କମ ବୟସର ପିଲାମାନଙ୍କୁ ଟ୍ରିପଲ ଆଣ୍ଟିଜେନ ଇଂଜେକ୍ସନ ଦିଆଗଲା ଓ ଗର୍ଭବତୀ ମହିଳା ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଗଲା ।

ନୂଆଗାଁରେ ଜାତୀୟ ସେବା ସଂସ୍ଥାର ଏହି ନୂତନ ଉଦ୍ୟମ ଆଖ ପାଖ ଗ୍ରାମର ଦୃଷ୍ଟି ଆକର୍ଷଣ କଲା । ତରଭା, ଖଲିବନ୍ଧ, ଅନ୍ତଣ୍ଡା, ବନମାଳୀ ପ୍ରସାଦର ଗ୍ରାମବାସୀମାନେ ଉପରୋକ୍ତ ସେବା ସଂସ୍ଥାର ସାହାଯ୍ୟ ପାଇଁ ନିବେଦନ କଲେ । ଅନ୍ତଣ୍ଡାରେ ସ୍ୱେଚ୍ଛାସେବକମାନେ ଏକ ବନ୍ଧ ନିର୍ମାଣ କାର୍ଯ୍ୟରେ ସହଯୋଗ କଲେ ଏବଂ ଏହା ଫଳରେ ରବି ଫସଲ ଉତ୍ପାଦନ ବୃଦ୍ଧି ପାଇଲା । ବନମାଳୀ ପ୍ରସାଦରେ ଫଳ ବୃକ୍ଷ ଆରମ୍ଭ ହେଲା । ତରଭା ପଞ୍ଚାୟତର ସହାୟତାରେ ସେମାନେ ପ୍ରାୟ ୫୦୦ ଏକର ଜମିରେ ଜଂଗଲ ରୋପଣ କାର୍ଯ୍ୟ ହାତକୁ ନେଲେ ।

ଢେଙ୍କାନାଳ କଲେଜ ଜାତୀୟ ସଂସ୍ଥାର ସବୁଠାରୁ ଉଲ୍ଲେଖଯୋଗ୍ୟ କାର୍ଯ୍ୟ ହେଉଛି ସ୍ଥାନୀୟ ବାଦ ବିସମ୍ବାଦ ଓ ଗ୍ରାମ ଗ୍ରାମ ମଧ୍ୟରେ ବିବାଦଗୁଡ଼ିକୁ ସମାଧାନ କରିବା ଓ ସାଂପ୍ରଦାୟିକ ସଦ୍‌ଭାବ ପୁନଃ ପ୍ରତିଷ୍ଠାରେ ସେମାନଙ୍କର ଗଠନମୂଳକ ଭୂମିକା । ୧୯୭୨ ମସିହା ସ୍ୱାଧୀନତା ଦିବସର ଠିକ୍ ପୂର୍ବରୁ ବାଦଂଧ ଗ୍ରାମରେ ଗୁରୁତର ଭାବେ ଶାନ୍ତି ଶୃଂଖଳା ଭଙ୍ଗର ବିବାଦ ଦେଖାଦେଲା । ହରିଜନ ଓ ସବର୍ଣ୍ଣ ହିନ୍ଦୁମାନଙ୍କ ପରସ୍ପର ମଧ୍ୟରେ ସଂଘର୍ଷ ଅନିବାର୍ଯ୍ୟ ମନେ ହେଉଥିଲା । ଏହି ଖବର ପାଇଲା ମାତ୍ରେ ଢେଙ୍କାନାଳରୁ ସ୍ୱେଚ୍ଛାସେବକମାନେ ସେହି ଗ୍ରାମକୁ ଆସିଗଲେ ଏବଂ ସେହି ଗଣ୍ଡଗୋଳର ସମାଧାନ କରି ଶାନ୍ତି ଓ ସଦ୍‌ଭାବ ଫେରାଇ ଆଣିବା ପାଇଁ ଉଦ୍ୟମ ଚଳାଇଲେ । ଯଦି ସେହି ସ୍ୱେଚ୍ଛାସେବୀମାନେ ସେଦିନ ଠିକ୍ ସମୟରେ ଆସି ପହଞ୍ଚି ନଥାନ୍ତେ, ଗାଁର ଅବସ୍ଥା କ'ଣ ହୋଇଥାନ୍ତା କହିବା କଷ୍ଟକର ।

ଠିକ୍ ସେହିପରି ତରଭା ଓ ଖଲିବନ୍ଧ ଗ୍ରାମର ଅଧିବାସୀମାନେ ଉକ୍ତ ଦୁଇ ଗ୍ରାମର ମଧ୍ୟ ଭାଗରେ ଥିବା ଏକ ଜଙ୍ଗଲ ଉପରେ ନିଜ ନିଜର ଅଧିକାର ସାବ୍ୟସ୍ତ କରିବାକୁ ଯାଇ ପରସ୍ପର ବିରୁଦ୍ଧରେ ଖଣ୍ଡ ଯୁଦ୍ଧ ଚଳାଇଥିଲେ । ଏହି ସମ୍ବାଦ ପାଇ ସ୍ୱେଚ୍ଛାସେବୀମାନେ ସେ ଅଞ୍ଚଳରେ ଏକ ଶାନ୍ତି ଯାତ୍ରାର ଆୟୋଜନ କଲେ । ଉଭୟ ପକ୍ଷକୁ ବହୁ ବୁଝା ସୁଝି କରିବା ପରେ ସେମାନଙ୍କ ମଧ୍ୟରେ ସଦ୍‌ଭାବ ଫେରି ଆସିଲା ।

କହିବା ବାହୁଲ୍ୟ ଯେ ଢେଙ୍କାନାଳ କଲେଜ ଜାତୀୟ ସେବା ସଂସ୍ଥା ଢେଙ୍କାନାଳ ସଦର ସବ୍‌ଡିଭିଜନର ବହୁ ଗ୍ରାମରେ ନିଜ କାର୍ଯ୍ୟ ଯୋଗୁଁ ବେଶ୍ ଲୋକପ୍ରିୟ ହୋଇପାରିଛି ।

---

# ଅର୍ଥନୈତିକ ବିକାଶ କ୍ଷେତ୍ରରେ ଗ୍ରାମ୍ୟ ଶିଳ୍ପର ଭୂମିକା

ଅଧ୍ୟାପକ **ମୋହିତ କୁମାର ଷଡ଼ଙ୍ଗୀ**

ଭାରତବର୍ଷ ଏକାଧାରରେ ଏକ 'ଗ୍ରାମବହୁଳ ଏବଂ କୃଷିପ୍ରଧାନ ଦେଶ । ଦେଶର ଶତକଡ଼ା ୭୦ ରୁ ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି । ଅନ୍ୟ ପକ୍ଷରେ ଏମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶ ବର୍ଷ ସାରା କୃଷି କାର୍ଯ୍ୟରେ ନିଯୁକ୍ତି ନ ପାଇ ଅର୍ଦ୍ଧ-ବେକାର ଅବସ୍ଥାରେ କାଳାତିପାତ କରନ୍ତି । ଏହାର କାରଣ ହେଉଛି ସେମାନଙ୍କ ପାଇଁ ଅନ୍ୟ କୌଣସି କ୍ଷେତ୍ରରେ ନିଯୁକ୍ତିର ସୁବିଧା ନାହିଁ । ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ପଞ୍ଚମ ଯୋଜନା କାଳରେ ଅଧିକ କର୍ମସଂସ୍ଥାନ ଏବଂ ଆତ୍ମ-ନିଯୁକ୍ତିର ସୁବିଧା ଯୋଗାଇ ଦେବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି ।

ଭାରତରେ ଗ୍ରାମ୍ୟଶିଳ୍ପର ଇତିହାସ ଆଲୋଚନା କଲେ ଜଣାଯାଏ ଯେ, ଗାନ୍ଧୀଜୀଙ୍କ ଦ୍ୱାରା ଚଳିତ ଶତାବ୍ଦୀର ମଧ୍ୟଭାଗରେ ସର୍ବଭାରତୀୟ ବୁଣାକାର ସଂଘ ଆରମ୍ଭ ହୋଇଥିଲା । ପଲ୍ଲୀର ବିଭିନ୍ନ ସମସ୍ୟାକୁ ଆଖିଆଗରେ ରଖି ସ୍ୱାଧୀନତା ଲାଭ ପରେ ଖଦୀ ଏବଂ ଗ୍ରାମୋଦ୍ୟୋଗ କମିଶନ, ସମୂହ ବିକାଶ ପାଇଲଟ ଯୋଜନା, ଗ୍ରାମ୍ୟ ଶିଳ୍ପ ଉନ୍ନୟନ ସଂସ୍ଥାମାନ ଗଠିତ ହୋଇଅଛି । କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରମାନଙ୍କ ଦ୍ୱାରା ଅନେକ କ୍ଷୁଦ୍ର ଶିଳ୍ପ ଉନ୍ନୟନ କାର୍ଯ୍ୟକ୍ରମମାନ ମଧ୍ୟ ହାତକୁ ନିଆ ହୋଇଅଛି । ଏ ସବୁର ଉପାଦେୟତା ସମ୍ବନ୍ଧରେ ଆଲୋଚନା-କଲେ ଜଣାଯାଏ ଯେ, ଦେଶର ଉନ୍ନତି ସାଧନ ନିମିତ୍ତ ଶିଳ୍ପ ପ୍ରସାରର ଆବଶ୍ୟକତା ଅନେକ ବେଶି । କିନ୍ତୁ ଆମ ଦେଶ ପାଇଁ ବଡ଼ ବଡ଼ ଶିଳ୍ପର ଆବଶ୍ୟକତା ଯେପରି ବେଶି ତା ତୁଳନାରେ କ୍ଷୁଦ୍ର ଶିଳ୍ପ ଜରିଆରେ ଦେଶର ଅଗଣିତ ନରନାରୀଙ୍କ କର୍ମସଂସ୍ଥାନର ବ୍ୟବସ୍ଥା କରିବା ଅତ୍ୟନ୍ତ ଜରୁରୀ । ଆମ ଦେଶ ପ୍ରକୃତି ଉପରେ ବେଶି ପରିମାଣରେ ନିର୍ଭର କରିଥାଏ । ତେଣୁ କୃଷି କ୍ଷେତ୍ରରେ ଆଶାତୀତ ଉନ୍ନତି ଘଟାଇବା କଷ୍ଟକର । କିନ୍ତୁ ଆମପକ୍ଷେ ଶିଳ୍ପ ପ୍ରସାର ଘଟାଇବା ବେଶ ସହଜସାଧ୍ୟ । ଆମ ଦେଶ କଞ୍ଚାମାଲରେ ପରିପୂର୍ଣ୍ଣ । ଗ୍ରାମାଞ୍ଚଳରେ ଏହି କଞ୍ଚା-ମାଲକୁ ଶିଳ୍ପ ଜରିଆରେ ଉପଯୋଗ କରି ଉତ୍ପାଦନ ବୃଦ୍ଧି କରିହେବ । ଦେଶରେ ଯେଉଁ ଅଞ୍ଚଳରେ ବଡ଼ ବଡ଼ ଶିଳ୍ପ କାରଖାନା ପ୍ରତିଷ୍ଠିତ ହେଉଅଛି, ସେ ଅଞ୍ଚଳରେ ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟ ସୃଷ୍ଟି ହେଉଛି । ପ୍ରଧାନ ସମସ୍ୟା ହେଲା, ଗ୍ରାମମାନଙ୍କରୁ ଅର୍ଦ୍ଧବେକାର ଲୋକେ ନିଯୁକ୍ତି ପାଇଁ ସହରାଭିମୁଖୀ ହେଉଅଛନ୍ତି, ଯାହାଙ୍କୁ କାମ ଯୋଗାଇବା ମଧ୍ୟ ଏକ ସମସ୍ୟା । ତେଣୁ ଏମାନଙ୍କର ଗତି ରୋକିବା ପାଇଁ ଏକମାତ୍ର ପଥ ହେଉଛି ଗ୍ରାମମାନଙ୍କରେ ଛୋଟ ଛୋଟ ଶିଳ୍ପ ସଂସ୍ଥାମାନ ପ୍ରତିଷ୍ଠା କରିବା ଯାହାଦ୍ୱାରା ସେମାନେ ନିଜ ଗ୍ରାମରେ ରହି ନିଜର କୃଷି କ୍ଷେତ୍ରରେ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ସରଳ ଜୀବନ ଯାପନ କରି ଦେଶରୁ ବହୁ ସମସ୍ୟା ଦୂର କରି ଅର୍ଥନୈତିକ ପ୍ରଗତିରେ ସହାୟକ ହେବେ ।

ଦେଶର ଉନ୍ନତି ପାଇଁ ବଡ଼ ବଡ଼ ଶିଳ୍ପ ଆବଶ୍ୟକ । କିନ୍ତୁ ସେଥିପାଇଁ ଏକ ସମୟରେ ପ୍ରଚୁର ପରିମାଣର ବୈଦେଶିକ ମୁଦ୍ରା ଏବଂ ମୂଳଧନ ପ୍ରୟୋଜନ। କିନ୍ତୁ ଆମ ଦେଶରେ ଏ ସମସ୍ତର ଅଭାବ ରହିଛି। ଆବଶ୍ୟକ ମୂଳଧନ ଲଗାଣ ଦ୍ୱାରା ଦେଶର ବେକାର ଲୋକଙ୍କ କର୍ମସଂସ୍ଥାନ ଦିଗରେ ମଧ୍ୟ ଉଲ୍ଲେଖଯୋଗ୍ୟ ପଦକ୍ଷେପ ନିଆହୋଇନାହିଁ। ତେଣୁ ଏହି ପରିପ୍ରେକ୍ଷୀରେ ଆମ ଦେଶରୁ ଦାରିଦ୍ର୍ୟ ତଥା ବେକାରି ଦୂର ନିମିତ୍ତ ବୃହତ୍ ଶିଳ୍ପରେ ଅଧିକ ମାତ୍ରାରେ ମୂଳଧନ ବିନିଯୋଗ ନ କରି ଅର୍ଥାତ୍ ଅଧିକ ପୁଞ୍ଜି ଦରକାର କରୁଥିବା ଶିଳ୍ପ ସ୍ଥାପନ ନ କରି ଅଧିକ ଶ୍ରମ ଦରକାର କରୁଥିବା ଶିଳ୍ପରେ ଅର୍ଥ ବିନିଯୋଗ କରିବା ଆବଶ୍ୟକ। ଏହାଦ୍ୱାରା ଅଧିକ ଲୋକ ନିଯୁକ୍ତି ଲାଭ କରିପାରିବେ ଏବଂ ନିଯୁକ୍ତି ତୁଳନାରେ ପୁଞ୍ଜି ଲଗାଣ ମଧ୍ୟ କମ୍ ହେବ। ଏହା କେବଳ କ୍ଷୁଦ୍ର ଶିଳ୍ପ ସଂସ୍ଥା ବା କୁଟୀର ଶିଳ୍ପ ଜରିଆରେ ସମ୍ଭବ। ଆମ ଦେଶର ଅବସ୍ଥା ପ୍ରତି ଲକ୍ଷ୍ୟ ରଖି ଯଥାର୍ଥରେ ମହାତ୍ମାଗାନ୍ଧୀ କୁଟୀର ଶିଳ୍ପର ଉନ୍ନତି ପାଇଁ ପ୍ରଚେଷ୍ଟା କରିଯାଇଅଛନ୍ତି। ଏହି କୁଟୀର ଶିଳ୍ପର ଉନ୍ନତି ଦ୍ୱାରା ଆମ ଦେଶରେ ଦେଖାଦେଇଥିବା ଅସମତା ବହୁ ପରିମାଣରେ ହ୍ରାସ ହୋଇ ପାରିବ ଏବଂ ଏଥି ସହିତ ଦେଶର ଅର୍ଥନୈତିକ ମାନଦଣ୍ଡ ମଧ୍ୟ ବୃଦ୍ଧି ପାଇବ। କିନ୍ତୁ ଏଗୁଡ଼ିକର ବିକାଶ ସାଧନ ଏବଂ ନବୀକରଣ ଦ୍ୱାରା ଯେ ବୃହତ୍ ଶିଳ୍ପମାନ ଆଦୌ ପ୍ରତିଷ୍ଠିତ ହେବନାହିଁ, ତା ନୁହେଁ, କେତେକ ପ୍ରକାରର ଶିଳ୍ପ ଯଥା ଲୁହା, ସାର ପ୍ରଭୃତି ଉତ୍ପାଦନ ନିମିତ୍ତ ବୃହତ୍ ଶିଳ୍ପର ପ୍ରତିଷ୍ଠା ଏକାନ୍ତ ଆବଶ୍ୟକ, କିନ୍ତୁ ଦୈନନ୍ଦିନ ବ୍ୟବହାର୍ଯ୍ୟ ଖାଉଟି ଦ୍ରବ୍ୟର ଉତ୍ପାଦନ କ୍ଷୁଦ୍ର ଶିଳ୍ପ ସଂସ୍ଥା ଜରିଆରେ ହେବା ଆବଶ୍ୟକ।

ଭାରତରେ ସ୍ୱାଧୀନତା ଲାଭ ପରେ ୧୯୪୮ ଓ ୧୯୫୬ ମସିହାରେ ଦୁଇଟି ଶିଳ୍ପନୀତି ପ୍ରସ୍ତୁତ କରାହୋଇଅଛି, ଯେଉଁଥିରେ ଦେଶରେ ବିଭିନ୍ନ ବୃହତ୍ ଓ କ୍ଷୁଦ୍ର ଶିଳ୍ପର ପ୍ରସାର ନିମିତ୍ତ ବ୍ୟବସ୍ଥାମାନ ରହିଛି। କ୍ଷୁଦ୍ର ଶିଳ୍ପ ଦେଶର ଅର୍ଥନୈତିକ ମାନଦଣ୍ଡ ବୃଦ୍ଧି କରି ଦାରିଦ୍ର୍ୟ ଦୂର କରିବାରେ କେତେଦୂର ସାହାଯ୍ୟ କରିପାରିବ, ତା'ର ଆଲୋଚନା କରିବା ପାଇଁ ଯୋଜନା କମିଶନଙ୍କ ଦ୍ୱାରା ୧୯୬୧ ମସିହାରେ ଏକ ଉଚ୍ଚ କ୍ଷମତାପନ୍ନ ସମ୍ମିଳନୀ ଆହୂତ ହୋଇଥିଲା, ଯାହା ଫଳରେ ବର୍ତ୍ତମାନ ସମୂହ ପାଇଲଟ୍ ଯୋଜନା ୧୯୬୨ ମସିହାଠାରୁ ଆରମ୍ଭ ହୋଇଛି। ପ୍ରଥମେ ଏହା ୩ରୁ ୫ ପର୍ଯ୍ୟନ୍ତ ସମୂହ ଉନ୍ନୟନ ବ୍ଲକ, ୩୦୦ ରୁ ୫୦୦ ପର୍ଯ୍ୟନ୍ତ ଗ୍ରାମ ଏବଂ ୩ରୁ ୫ ଲକ୍ଷ ପର୍ଯ୍ୟନ୍ତ ଲୋକସଂଖ୍ୟାକୁ ନେଇ କାର୍ଯ୍ୟକାରୀ ହୋଇଥିଲା ଏବଂ ପ୍ରଥମେ ଦେଶରେ ୪୫ଟି ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ ହୋଇଥିଲା। ୧୯୬୫ ମସିହାରେ ଏଥିରେ ୪ଟି ଯୋଜନା ଯୋଗ କରାଗଲା। କେନ୍ଦ୍ର ସ୍ତରରେ ଯୋଜନା କମିଶନର ସଭ୍ୟ, ବିଭାଗୀୟ ମୁଖ୍ୟ ଏବଂ ଅର୍ଥନୀତିଜ୍ଞ ପ୍ରଭୃତିଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ସଂସ୍ଥା ଗଠିତ ହୋଇଅଛି। ରାଜ୍ୟ ସ୍ତରରେ ମୁଖ୍ୟମନ୍ତ୍ରୀ ହେଉଛନ୍ତି ମୁଖ୍ୟ ଏବଂ ଅନ୍ୟାନ୍ୟମାନଙ୍କୁ ନେଇ ଗଠିତ ସଂସ୍ଥା ଏହି ଯୋଜନା ସମ୍ପର୍କରେ ପରାମର୍ଶ ଦେଇଥାନ୍ତି। ବିଭିନ୍ନ ଅଞ୍ଚଳର କୃଷିର ଅବସ୍ଥା, କୃଷି ଉପରେ ନିର୍ଭର କରୁଥିବା ଅଧିବାସୀଙ୍କ ସଂଖ୍ୟା, ସେମାନଙ୍କର ନିଯୁକ୍ତିର ସମ୍ଭାବନା, ଆଦିବାସୀ ଲୋକ ବାସକରୁଥିବା ଅଞ୍ଚଳ ପ୍ରଭୃତିକୁ ବିବେଚନା କରି ପ୍ରୋଜେକ୍ଟଗୁଡ଼ିକ ଆରମ୍ଭ କରାଗଲା। ଏ ପ୍ରକାର ଯୋଜନା ଦ୍ୱାରା ଆଞ୍ଚଳିକ ଅର୍ଥନୈତିକ କଞ୍ଚାମାଲର ଯୋଗାଣ ଏବଂ ସେ ଅଞ୍ଚଳର ଲୋକଙ୍କର ରହିବାକୁ ନେଇ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ଦ୍ୱାରା ଦେଶର ସମୂହ ଉନ୍ନତି ନିମିତ୍ତ ସମସ୍ତେ ବ୍ରତୀ ହେଲେ।

ଏହି ପ୍ରୋଜେକ୍ଟଗୁଡ଼ିକର କାର୍ଯ୍ୟକାରିତା ସମ୍ବନ୍ଧରେ ଅନୁଶୀଳନ କଲେ ଜଣାଯାଏ ଯେ ୧୯୬୪ ମସିହାଠାରୁ ୧୯୭୨ ମସିହା ମାର୍ଚ୍ଚ ମାସ ସୁଦ୍ଧା ସର୍ବମୋଟ ୧୫ କୋଟି ୪୮ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ୩୩ ହଜାର ଶିଳ୍ପ ସଂସ୍ଥା ସ୍ଥାପନ ଦ୍ୱାରା ୧ ଲକ୍ଷ ୪୭ ହଜାର ଲୋକଙ୍କର କର୍ମସଂସ୍ଥାନ ହୋଇପାରିଛି। ୧୯୬୪-୬୫ ମସିହା ମଧ୍ୟରେ ସେ ସମସ୍ତ ସଂସ୍ଥାରୁ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ମାତ୍ର ୮୯ ଲକ୍ଷ ଟଙ୍କା ଥିବା ସ୍ଥଳେ ୧୯୭୦-୭୧ ମସିହାରେ ୨୬ କୋଟି ୪୦ ଲକ୍ଷ ଟଙ୍କା

ହୋଇ ୧୯୭୧-୭୨ ମସିହାରେ ୩୦ କୋଟି ୩୭ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ଯୋଜନା କମିଶନଙ୍କ ଦ୍ୱାରା ଓଡ଼ିଶାରେ ମଧ୍ୟ ଜିଲ୍ଲା-ଯୋଜନା ପ୍ରସ୍ତୁତ ହୋଇଛି । ଏହି କାର୍ଯ୍ୟକ୍ରମ ମଧ୍ୟରେ ଗଞ୍ଜାମ, କଳାହାଣ୍ଡି, ବଲାଙ୍ଗୀର ଓ ଫୁଲବାଣୀ ଜିଲ୍ଲାକୁ ଗ୍ରହଣ କରାହୋଇଛି । ଏ ସମସ୍ତ ପର୍ଯ୍ୟାଲୋଚନାରୁ ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ସହଜରେ ଅନୁମେୟ ।

ବର୍ତ୍ତମାନର ଚତୁର୍ଥ ଯୋଜନା କାଳରେ କ୍ଷୁଦ୍ର ଶିଳ୍ପ ଉନ୍ନୟନ ସଂସ୍ଥାଗୁଡ଼ିକୁ ପ୍ରଦତ୍ତ ଆର୍ଥିକ ଏବଂ ଅନ୍ୟାନ୍ୟ ସାହାଯ୍ୟ ବୃଦ୍ଧି କରି ସେଗୁଡ଼ିକୁ ଅଧିକ କାର୍ଯ୍ୟକ୍ଷମ କରିବାକୁ ଚେଷ୍ଟା କରାଯାଉଛି । ପାଇଲଟ୍ ଯୋଜନାକୁ କଞ୍ଚାମାଲ ଯୋଗାଣ ଶାର୍ଟି ସରକାରଙ୍କ ଦ୍ୱାରା ଅଗ୍ରାଧିକାର ଦିଆହୋଇଛି । ୧୯୭୦ ମସିହାଠାରୁ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ଏବଂ ଷ୍ଟେଟ-ବ୍ୟାଙ୍କ୍ ଦ୍ୱାରା ଆର୍ଥିକ ସାହାଯ୍ୟ ଏବଂ ଋଣ ଯୋଗାଇ ଦିଆଯାଉଛି । ହିସାବରୁ ଜଣାଯାଉଛି ଯେ, ୧୯୭୧ ମସିହା ଶେଷ ସୁଦ୍ଧା ଷ୍ଟେଟବ୍ୟାଙ୍କ ୧୦ ହଜାର ୫୧ଟି କ୍ଷୁଦ୍ର ଶିଳ୍ପ ସଂସ୍ଥାକୁ ୫ କୋଟି ୧୨ ଲକ୍ଷ ଟଙ୍କା ଋଣ ଦେଇଛି । ଏପରି ଆର୍ଥିକ ଋଣ ଦାନ ଦ୍ୱାରା ଯୋଜନାର ମୂଳ ଲକ୍ଷ୍ୟ ପୂରଣ ହୋଇପାରିଛି ।

ଏହି କାର୍ଯ୍ୟକ୍ରମର ସୁଫଳ ଦ୍ୱାରା ଭାରତ ସରକାର ଏହାର ପରିସରକୁ ବୃଦ୍ଧି କରିବାକୁ ସ୍ଥିର କରିଛନ୍ତି । ୧୯୭୨-୭୩ ମସିହା ମଧ୍ୟରେ ଅଧିକା ୫ ଗୋଟି ଜିଲ୍ଲା-ଯୋଜନା ଆରମ୍ଭ କରାହୋଇଛି । ପଞ୍ଚମ ଯୋଜନା କାଳ ମଧ୍ୟରେ ଯୋଜନା କମିଶନଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ୬୨ ଗୋଟି ନୂତନ ଅନୁନ୍ନତ ଜିଲ୍ଲା ମଧ୍ୟରେ ଏହା କାର୍ଯ୍ୟକାରୀ କରାଯିବ । ଏପରି ଭାବେ ପ୍ରତ୍ୟେକ ଯୋଜନା କାଳ ମଧ୍ୟରେ ଅନ୍ୟୂନ ୫୦ ଗୋଟି ଜିଲ୍ଲା ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାହୋଇଛି ।

ଗ୍ରାମାଞ୍ଚଳର ଉନ୍ନତି ଅର୍ଥ ଦେଶର ଉନ୍ନତି । ଗ୍ରାମଗୁଡ଼ିକର ଭବିଷ୍ୟତ ଯେ ଉଜ୍ଜ୍ୱଳ, ଏହି କ୍ଷୁଦ୍ରଶିଳ୍ପ ଯୋଜନାର କାର୍ଯ୍ୟକାରିତାରୁ ସ୍ପଷ୍ଟଭାବେ ପରିଲକ୍ଷିତ ହେଉଛି । ଆଜିର ଶିକ୍ଷିତ ବେକାର, ଯେଉଁମାନେକି ଦେଶ ଆଗରେ ଏକ ସମସ୍ୟା ରୂପେ ଦଣ୍ଡାୟମାନ ତା'ର ସମାଧାନ ହୋଇପାରିବ ଯଦି ସେମାନେ ନିଜର ପାରଦର୍ଶିତା ଏହି କ୍ଷୁଦ୍ର କୁଟୀର ଶିଳ୍ପର ବିକାଶ ଦ୍ୱାରା ପ୍ରକଟିତ କରିପାରିବେ । ତେଣୁ ଏହି ଯୋଜନା ଦେଶର ଉନ୍ନତି ପକ୍ଷରେ ଅନୁକୂଳ ଏଥିରେ ସନ୍ଦେହ ନାହିଁ ।

---



ଧୁଲେଇ କେକ
ଡେଟ ଧୁଲେଇ ପାଉଡର
ଏନ-ଡେଟ
new!
det
detergent washing cake
NEW!
TRIPLE ACTION
det
WASHES WHITEST
ବେ ନ ଥିଲା, ନା ମିଳିବ—ଏଭଳି ଶୁଭ୍ରତା ଉତ୍କୃଷ୍ଟ ଡେଟ ପଦାର୍ଥଗୁଡିକ

# ଭୂ-ସଂସ୍କାର ଓ ସବୁଜ ବିପ୍ଳବ

ଶ୍ରୀ ଉପେନ୍ଦ୍ର ପ୍ରସାଦ ଦାସ
ଜନସଂପର୍କ ବିଭାଗ

ଓଡ଼ିଶା ଏକ କୃଷିପ୍ରଧାନ ଦେଶ । ଭାରତର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟ କୃଷି ଉପରେ ମୁଖ୍ୟତଃ ନିର୍ଭର କରିଥାଏ । ଦେଶରେ ଚାରୋଟି ପଞ୍ଚବାର୍ଷିକ ଯୋଜନା ଅତିବାହିତ ହୋଇ ପଞ୍ଚମ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ କରାଯାଉଥିଲେ ହେଁ ଆମ ଦେଶର, ବିଶେଷତଃ ଆମ ରାଜ୍ୟର ଅର୍ଥନୈତିକ ଦୁରବସ୍ଥା ଘୁଞ୍ଚି ପାରିନାହିଁ । ଓଡ଼ିଶା ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଅଧିକ ଅନଗ୍ରସର ଓ ଏହାର ଜନସାଧାରଣ ଦାରିଦ୍ର୍ୟ ସୀମାରେଖାର ନିମ୍ନରେ ରହିଛନ୍ତି । ସର୍ବଭାରତୀୟ ସ୍ତରର ମୁଣ୍ଡପିଛା ଆୟ ତୁଳନାରେ ଆମ ରାଜ୍ୟର ମୁଣ୍ଡପିଛା ଆୟ ଯଥେଷ୍ଟ କମ୍ । ଓଡ଼ିଶାର ସମୁଦାୟ ଲୋକସଂଖ୍ୟା ୨୧,୯୪୪,୬୧୫ ମଧ୍ୟରୁ ୨୦,୦୯୯,୬୬୦ ଜଣ ଗ୍ରାମାଞ୍ଚଳରେ ବାସ କରନ୍ତି । ଯେଉଁମାନେ ସହରାଞ୍ଚଳରେ ରହନ୍ତି ସେମାନଙ୍କ ମଧ୍ୟରୁ କେତେକ ସରକାରୀ ତଥା ବେସରକାରୀ ସଂସ୍ଥାରେ ଚାକିରି କରି ଏବଂ ଆଉ କେତେକ ବ୍ୟବସାୟ ଓ ଅନ୍ୟାନ୍ୟ ଧନ୍ଦାରେ ନିଯୋଜିତ ରହି ନିଜର ଗୁଜୁରାଣ ମେଣ୍ଟାଉଥାନ୍ତି । ଗ୍ରାମାଞ୍ଚଳରେ ଯେଉଁମାନେ ବାସ କରନ୍ତି ସେମାନେ ପ୍ରଧାନତଃ କୃଷି ଉପରେ ନିର୍ଭର କରିଥାନ୍ତି ।

ଏ ରାଜ୍ୟର ସମୁଦାୟ ଚାଷ ଜମିରୁ ବାର୍ଷିକ ୪,୩୪୧ ମେଟ୍ରିକ୍ ଟନ୍ ଧାନ ଉତ୍ପାଦିତ ହୋଇଥାଏ । କ୍ରମାଗତ ଭାବେ ବାତ୍ୟା, ବନ୍ୟା ଓ ମରୁଡ଼ି ଯୋଗୁଁ ଧାର୍ଯ୍ୟକରାଯାଇଥିବା ଲକ୍ଷ୍ୟ ଅନୁପାତରେ ଧାନ ଉତ୍ପାଦନ ହୋଇପାରୁନାହିଁ । ତେଣୁ ବିଭିନ୍ନ ପରିକଳ୍ପନା ସତ୍ତ୍ୱେ ଲୋକଙ୍କର ଜୀବନଧାରଣର ମାନ କ୍ରମଶଃ ନିମ୍ନଗାମୀ ହେଉଛି । ଲୋକଙ୍କର ଜୀବନଧାରଣର ମାନ ବୃଦ୍ଧି, ସର୍ବୋପରି ଦେଶର ଅର୍ଥନୈତିକ ବିକାଶସାଧନ ନିମନ୍ତେ କୃଷି ଉତ୍ପାଦନର ଅଭିବୃଦ୍ଧି ଯେ ଏକାନ୍ତ ପ୍ରୟୋଜନ ଏଥିରେ ସନ୍ଦେହର ଅବକାଶ ନାହିଁ । କୃଷିର ବିକାଶ ନିମନ୍ତେ ଉନ୍ନତ ବିହନ, ରାସାୟନିକ ସାର ଓ ଜଳସେଚନ ଆବଶ୍ୟକ । ଜନସଂଖ୍ୟା ଦ୍ରୁତ ଗତିରେ ବଢ଼ି ଚାଲିଥିବା ବେଳେ ସମସ୍ତଙ୍କ ପାଇଁ ଆବଶ୍ୟକ ଖାଦ୍ୟପଦାର୍ଥ ଯୋଗାଇବାକୁ ହେଲେ ସୀମିତ ଚାଷ ଜମିରେ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କରିବା ଆବଶ୍ୟକ । ଏ ଦିଗରେ କେତେକ ପଦକ୍ଷେପ ନିଆଯାଇଥିଲେ ହେଁ ସନ୍ତୋଷଜନକ ଫଳ ମିଳିପାରିନାହିଁ ।

ଅଧିକ ଅମଳକ୍ଷମ ଧାନ ପାଇଁ ଜଳସେଚନ ଓ ରାସାୟନିକ ସାରର ଆବଶ୍ୟକତା ଯଥେଷ୍ଟ ବେଶି । ଜଳସେଚନ ନିମନ୍ତେ ବୃହତ, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପରିକଳ୍ପନାମାନ କାର୍ଯ୍ୟକାରୀ କରାଯାଉଛି । ଏସବୁ ଜଳସେଚନ ଯୋଜନା ସାଧାରଣତଃ ବଡ଼ ବଡ଼ ନଦୀନାଳ ଉପରେ କରାଯାଇଛି ଓ ପାର୍ଶ୍ୱବର୍ତ୍ତୀ ଚାଷ ଜମିଗୁଡ଼ିକ ତହିଁରେ ଉପକୃତ ହେଉଛନ୍ତି । ଖରିଫ୍ ତଥା ରବି ଋତୁରେ ଏଥିରୁ ଚାଷୀମାନେ ଉପକାର ପାଉଥିଲେହେଁ ରାଜ୍ୟସାରା ଏ ପ୍ରକାର ବ୍ୟବସ୍ଥା କରାଯାଇ ପାରିନାହିଁ କାରଣ ଏ ସମସ୍ତ ଯୋଜନା ସରକାରୀ ସ୍ତରରେ କରାଯାଉଛି ଓ ସେଥିପାଇଁ ସରକାରଙ୍କ ସୀମିତ ସମ୍ବଳ ଯଥେଷ୍ଟ ନୁହେଁ । ଭୂତଳ ଜଳକୁ କାମରେ ଲଗାଇବା ଉଦ୍ଦେଶ୍ୟରେ ଉଠା ଜଳସେଚନର ଯେଉଁ ପରିକଳ୍ପନା କରାଯାଇଥିଲା ତାହା ମଧ୍ୟ ବିଶେଷ ସଫଳ ହୋଇପାରିନାହିଁ । । ତେଣୁ ଉଠାଜଳସେଚନ ଯୋଜନାକୁ ବ୍ୟାପକତର କରିବାପାଇଁ ସରକାର ନିକଟରେ ଗୋଟିଏ ଉଠା ଜଳସେଚନ କର୍ପୋରେସନ

ଗଠନ କରିଛନ୍ତି । ଏହି କର୍ପୋରେସନ ବିଭିନ୍ନ ସ୍ଥାନରେ ଉଠା ଜଳସେଚନ ବ୍ୟବସ୍ଥା କାର୍ଯ୍ୟକାରୀ କରିବେ ଓ କୃଷକମାନେ ଆବଶ୍ୟକ ମନେକଲେ କର୍ପୋରେସନଠାରୁ ଉକ୍ତ ବ୍ୟବସ୍ଥାକୁ କିଣି ନେଇ ପାରିବେ । କୃଷକମାନେ ଯେପରି ନିଜ ନିଜର ଉଠା ଜଳସେଚନ ବ୍ୟବସ୍ଥା କରିପାରିବେ ସେଥିନିମନ୍ତେ ଜାତୀୟକରଣ ହୋଇଥିବା ବ୍ୟାଙ୍କମାନେ ନିର୍ଦ୍ଧାରିତ ନୀତିନିୟମ ଅନୁଯାୟୀ କୃଷକମାନଙ୍କୁ ଋଣ ଓ ସାହାଯ୍ୟ ଦେଉଛନ୍ତି ।

ଜଳସେଚନ ଯୋଜନାକୁ ତ୍ୱରାନ୍ୱିତକରି ସବୁଜ ବିପ୍ଳବକୁ ସଫଳ କରିବା ଉଦ୍ଦେଶ୍ୟରେ ଗ୍ରାମାଞ୍ଚଳ ବିଦ୍ୟୁତ୍-କରଣ ଯୋଜନା ଉପରେ ଅଗ୍ରାଧିକାର ଦିଆଯାଇଛି । ୧୯୭୩ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଓଡ଼ିଶାର ୬,୩୭୩ ଟି ଗ୍ରାମକୁ ବିଜୁଳି ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ ୨,୦୭୫ ଟି ଉଠା ଜଳସେଚନ ପମ୍ପକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି । ଚତୁର୍ଥ ଯୋଜନା ଶେଷ ସୁଦ୍ଧା ଆହୁରି ୨,୨୬୪ ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇଛି ଓ ୫୦୭ ଉଠା ଜଳସେଚନ ପମ୍ପକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି । ପଞ୍ଚମ ଯୋଜନା କାଳରେ ବ୍ୟାପକଭାବରେ ଗ୍ରାମାଞ୍ଚଳକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବାପାଇଁ ଓ ଉଠା ଜଳସେଚନ ପମ୍ପକୁ ବିଦ୍ୟୁତ୍ ସଂଯୋଗ କରିବାପାଇଁ ଲକ୍ଷ୍ୟ ରଖାଯାଇଛି । ଏସବୁ ଯୋଜନା କାର୍ଯ୍ୟକାରୀ ହେବା ପରେ ଓଡ଼ିଶାର ଗାଁ ଗହଳରେ ନୂଆ ଶିଳ୍ପ ପ୍ରତିଷ୍ଠା, ପ୍ରଚଳିତ ଶିଳ୍ପ ପ୍ରତିଷ୍ଠାନର ସଂପ୍ରସାରଣ ଓ କୃଷିର ବିକାଶ ହୋଇପାରିବ । ଲୋକମାନେ ବିଭିନ୍ନ ଧନ୍ଦାରେ ନିୟୋଜିତ ରହି ନିଜର ଜୀବିକା ନିର୍ବାହ କରିବା ପାଇଁ ସକ୍ଷମ ହୋଇପାରିବା ସଙ୍ଗେ ସଙ୍ଗେ ଗାଁ ଗହଳର ଅର୍ଥନୈତିକ ବିକାଶ ସମ୍ଭବ ହୋଇପାରିବ ।

ପୂର୍ବରୁ କୁହାଯାଇଛି ଯେ ଓଡ଼ିଶାର ବହୁ ଲୋକ ଦାରିଦ୍ର୍ୟ ସୀମାରେଖାର ନିମ୍ନରେ ରହି କାଳାତିପାତ କରୁଛନ୍ତି । ଦେଶରୁ ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ଲୋକପ୍ରିୟ ସରକାର ଦୃଢ଼ପରିକର । ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ ଓଡ଼ିଶା ଭୂ-ସଂସ୍କାର ଆଇନକୁ ସଂଶୋଧନ କରାଯାଇ ଏହାକୁ ୧୯୭୩ ମସିହା ଗାନ୍ଧୀ ଜୟନ୍ତୀ ଦିବସଠାରୁ କାର୍ଯ୍ୟକାରୀ କରାଯାଇଛି । ମୂଳ ଆଇନର ତୃତୀୟ ଓ ଚତୁର୍ଥ ପରିଚ୍ଛେଦ ବ୍ୟତୀତ ଅନ୍ୟାନ୍ୟ ନିୟମସବୁ ୧୯୬୫ ମସିହା ଅକ୍ଟୋବର ପହିଲାଠାରୁ କାର୍ଯ୍ୟକାରୀ କରାଯାଇଥିଲା । ମୂଳ ଆଇନରେ ଜମିଗୁଡ଼ିକୁ ଚାରିଗୋଟି ଶ୍ରେଣୀରେ ବିଭକ୍ତ କରାଯାଇଥିଲା । ବର୍ଷର କେତିକି ଦିନ ଜଳସେଚନର ସୁବିଧା ମିଳେ ତାହାରି ଉପରେ ଭିତ୍ତି କରି ଜଳସେଚିତ ଜମିଗୁଡ଼ିକୁ ପ୍ରଥମ ଦୁଇଟି ଶ୍ରେଣୀର ଅନ୍ତର୍ଭୁକ୍ତ କରାଯାଇଥିଲା । ଅନ୍ୟାନ୍ୟ ଜଳସେଚିତ ଓ ବର୍ଷାଜଳ ପାଉଥିବା ଯେଉଁ ଜମିରେ ସାଧାରଣତଃ ଧାନ ଫସଲ କରାଯାଉଥିଲା, ସେ ଜମିଗୁଡ଼ିକୁ ତୃତୀୟ ଶ୍ରେଣୀ ଅନ୍ତର୍ଭୁକ୍ତ କରାଯାଇ ଅନ୍ୟାନ୍ୟ ଜମିଗୁଡ଼ିକୁ ଚତୁର୍ଥ ଶ୍ରେଣୀର ଅନ୍ତର୍ଭୁକ୍ତ କରାଯାଇଥିଲା ।

ମାତ୍ର ସଂଶୋଧିତ ଭୂ-ସଂସ୍କାର ଆଇନରେ ଜଳସେଚିତ ଜମିଗୁଡ଼ିକୁ ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀରେ ବିଭକ୍ତ କରାଯାଇଛି । ଯେଉଁ ଜମିରେ ସଂଶୋଧିତ ଆଇନ ପ୍ରବର୍ତ୍ତିତ ହେବା ଦିନଠାରୁ ବିଗତ ତିନିବର୍ଷ ମଧ୍ୟରେ ଦୁଇ ବା ତତୋଽଧିକ ଫସଲ କରାଯାଇଥିବ ବା କରାଯାଇପାରିବ, ସେଗୁଡ଼ିକୁ ପ୍ରଥମ ଶ୍ରେଣୀର ଅନ୍ତର୍ଭୁକ୍ତ କରାଯାଇଛି । ଯେଉଁ ଜମିଗୁଡ଼ିକରେ ବିଗତ ତିନିବର୍ଷ ମଧ୍ୟରେ କେବଳ ଗୋଟିଏ ଫସଲ କରାଯାଉଥିବ ବା କରାଯାଇପାରିବ ସେଗୁଡ଼ିକୁ ଦ୍ୱିତୀୟ ଶ୍ରେଣୀର ଅନ୍ତର୍ଭୁକ୍ତ କରାଯାଇଛି । ଜଳସେଚିତ ଜମି ବ୍ୟତୀତ ଅନ୍ୟ ଯେଉଁସବୁ ଜମିରେ ବିଗତ ତିନିବର୍ଷହେଲା ଧାନ ଫସଲ କରାଯାଉଛି ବା କରାଯାଇପାରିବ ସେଭଳି ଜମିଗୁଡ଼ିକୁ ତୃତୀୟ ଶ୍ରେଣୀ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଅନ୍ୟାନ୍ୟ ଜମିଗୁଡ଼ିକୁ ଚତୁର୍ଥ ଶ୍ରେଣୀ ଅନ୍ତର୍ଭୁକ୍ତ କରାଯାଇଛି । ପୋଖରୀ, ନଡ଼ିଆ ବଗିଚା ଓ ଫଳ ବଗିଚାଗୁଡ଼ିକୁ ତୃତୀୟ ଶ୍ରେଣୀ ଜମିର ଅନ୍ତର୍ଭୁକ୍ତ କରାଯାଇଛି ।

ସଂଶୋଧିତ ଭୂ-ସଂସ୍କାର ଆଇନ୍‌ର ସବୁଠାରୁ ବଳି ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ହେଉଛି ଜମିର ସର୍ବୋଚ୍ଚ ସୀମା ପରିବର୍ତ୍ତନ । ମୂଳ ଆଇନ୍‌ରେ ପ୍ରଥମ ଶ୍ରେଣୀ, ଦ୍ୱିତୀୟ ଶ୍ରେଣୀ, ତୃତୀୟ ଶ୍ରେଣୀ ଓ ଚତୁର୍ଥ ଶ୍ରେଣୀର ଜମି ପାଇଁ ସର୍ବୋଚ୍ଚ ସୀମା ଯଥାକ୍ରମେ ୨୦, ୩୦, ୬୦ ଓ ୮୦ ଏକର ରଖାଯାଇଥିଲା । ମାତ୍ର ସଂଶୋଧିତ ଆଇନ୍‌ରେ ଏହି ସୀମା ଯଥାକ୍ରମେ ୧୦, ୧୫, ୩୦ ଓ ୪୫ ଏକରକୁ କମାଇ ଦିଆଯାଇଛି । ଏହି ସର୍ବୋଚ୍ଚ ସୀମା ଉଭୟ ବ୍ୟକ୍ତିବିଶେଷ ତଥା ପରିବାର ପ୍ରତି ପ୍ରଯୁଜ୍ୟ ହେବ । ପାଞ୍ଚପ୍ରାଣୀବିଶିଷ୍ଟ ଏକ ପରିବାର ସର୍ବୋଚ୍ଚ ୧୦ ଷ୍ଟାଣ୍ଡାର୍ଡ ଏକର ଜମି ରଖିପାରିବେ । ଯଦି କୌଣସି ପରିବାରରେ ପାଞ୍ଚ ଜଣରୁ ଅଧିକ ଲୋକ ଥାନ୍ତି, ତେବେ ପ୍ରତ୍ୟେକ ଅଧିକା ଲୋକଙ୍କ ପିଛା ୨ ଷ୍ଟାଣ୍ଡାର୍ଡ ଏକର ହିସାବରେ ସମୁଦାୟ ପରିବାର ନିମନ୍ତେ ସର୍ବୋଚ୍ଚ ୧୮ ଷ୍ଟାଣ୍ଡାର୍ଡ ଏକର ଜମି ରଖାଯାଇପାରିବ । ଅର୍ଥାତ୍ ଏଭଳି ପରିବାର ସର୍ବୋଚ୍ଚ ୧୮ ଏକର ପ୍ରଥମ ଶ୍ରେଣୀର ଜମି ବା ୨୭ ଏକର ଦ୍ୱିତୀୟ ଶ୍ରେଣୀ ଜମି ନତବା ୫୪ ଏକର ତୃତୀୟ ଶ୍ରେଣୀର ଜମି ଅଥବା ୮୧ ଏକର ଚତୁର୍ଥ ଶ୍ରେଣୀର ଜମି ରଖିପାରିବେ ।

ଆମ ରାଜ୍ୟରେ କୃଷିର ବିକାଶ ‘ନିମନ୍ତେ ଭୂ-ସଂସ୍କାର, ଗ୍ରାମ ବିଦ୍ୟୁତ୍‌କରଣ, ପାରାଦୀପ ଓ ତାଳଚେର ସାର କାରଖାନା ଭଳି ଯେଉଁସବୁ ପଦକ୍ଷେପ ନିଆଯାଇଛି ତାହା ଯଥାଯଥଭାବେ କାର୍ଯ୍ୟକାରୀ ହୋଇପାରିଲେ ଏ ରାଜ୍ୟର ଅନଗ୍ରସରତା ଓ ଦାରିଦ୍ର୍ୟ ଯେ ଘୁଞ୍ଚି ଯାଇପାରିବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

## ଓଡ଼ିଶାରେ ଛୋଟ ତଥା ଅତି ଛୋଟ ଚାଷୀ ଏବଂ କୃଷି ଶ୍ରମିକ ଉନ୍ନୟନ ସଂସ୍ଥାର ଅଗ୍ରଗତି

ଛୋଟ ତଥା ଅତି ଛୋଟ ଚାଷୀ ଏବଂ କୃଷି ଶ୍ରମିକମାନଙ୍କ ଉନ୍ନତି କଳ୍ପେ ଗଠିତ ବିକାଶମୂଳକ ପରିକଳ୍ପନା ବାବଦରେ ୧୯୭୪ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଓଡ଼ିଶାରେ ୨୮୩.୮୯ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି । ରାଜ୍ୟର ପାଞ୍ଚଟି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଏହି ପରିକଳ୍ପନା ବାବଦରେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ଅର୍ଥାତ୍ ୮୮·୩୮ ଲକ୍ଷ, ଢେଙ୍କାନାଳ ଜିଲ୍ଲାରେ ୬୧·୪୯ ଲକ୍ଷ, ବଲାଙ୍ଗୀର ଜିଲ୍ଲାରେ ୫୧·୪୩ ଲକ୍ଷ, କଟକ ଜିଲ୍ଲାରେ ୪୬·୩୮ ଲକ୍ଷ ଏବଂ କେନ୍ଦୁଝର ଜିଲ୍ଲାରେ ୩୫·୮୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଏହା ଫଳରେ ୧,୮୬,୩୧୮ ଜଣ ଛୋଟ ଓ ଅତି ଛୋଟ ଚାଷୀ ଉପକୃତ ହୋଇଛନ୍ତି ।

ଏହି କାର୍ଯ୍ୟକ୍ରମ ଜରିଆରେ ୨୦,[illegible]ଟି କୂଅ ଓ ୮ଟି ନଳକୂଅ ଖୋଳାଯିବା ସଙ୍ଗେ ସଙ୍ଗେ ୩୮୮ ଟି ପମ୍ପ ସେଟ୍ ବସା ଯାଇଛି । ଏହାଛଡ଼ା ୧,୯୭୫ ଦୁଧିଆଳୀ ଗାଈ, ୨,୧୩୧ ଛାଗ ଏବଂ ୩୫୯ଟି କୁକୁଡ଼ା ପାଳନ କେନ୍ଦ୍ର ସ୍ଥାପନ କରାଯାଇଛି । ଏହି ପରିକଳ୍ପନା ଅଧୀନରେ ୨୪୭ ଗୋଟି କ୍ଷୁଦ୍ର ଜଳ ସେଚନ ଯୋଜନାର କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇଛି ।

# ଆପଣଙ୍କର ଡାକ ବାର୍ତ୍ତାଙ୍କୁ ଆହୁରି ଶୀଘ୍ର ପହଞ୍ଚାଇ ଦେବା ନିମନ୍ତେ ସାହାଯ୍ୟ କରନ୍ତୁ



ଡାକବାର୍ତ୍ତା ମାନେହିଁ ଜରୁରୀ । ଆମେ ଆପଣଙ୍କର ଡାକବାର୍ତ୍ତାକୁ ଶୀଘ୍ର ପହଞ୍ଚାଇ ଦେବା ନିମନ୍ତେ ସର୍ବମତେ ଚେଷ୍ଟା କରିଥାଉ ।

ଡାକବାର୍ତ୍ତାରେ ସମ୍ପୂର୍ଣ୍ଣ ଠିକଣା ଲେଖା ଥିଲେ ଆମେ ଏହାକୁ ଅତିଶୀଘ୍ର ପହଞ୍ଚାଇ ଦେଉ । ଅତଏବ ଦୟାକରି ଡାକ ବାର୍ତ୍ତାରେ ସମ୍ପୂର୍ଣ୍ଣ ଠିକଣା ଲେଖନ୍ତୁ ।

ଡାକବାର୍ତ୍ତା ପଠାଉଥିବା ସହରର ନାମ ପରେ ଡାକ ସୂଚୀ ସଂଖ୍ୟା (ପିନ)ର ଶେଷ ଛଅଗୋଟି ଅଙ୍କ ମଧ୍ୟ ଲେଖନ୍ତୁ । କାରଣ କେତେକ ସହରରେ ଏକାଧିକ ଡାକ ବିତରଣ କାର୍ଯ୍ୟାଳୟ ରହିଛି । ସେହି ଛଅଗୋଟି ଅଙ୍କ ଅବଲମ୍ବନ ଡାକବାର୍ତ୍ତା ପହଞ୍ଚାଇ ଦେବା ନିମନ୍ତେ ଆମର ସହାୟକ ହେବ ।

## ଡାକ ଓ ତାର ବିଭାଗ

davp 73/665

# ଆବର୍ଜନା ଓ ବ୍ୟାଧି ବିରୁଦ୍ଧରେ ଯୁବସମାଜ

ଗତ ମଇ ମାସ ୧୮ ତାରିଖରୁ ୨୮ ତାରିଖ ଯାଏ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଆନୁକୂଲ୍ୟରେ କଟକ ସହର ସୀମାରେ ଅବସ୍ଥିତ ଦରଘା ପାଟଣା ଗ୍ରାମରେ ଏକ ଛାତ୍ର ଶିବିର ଅନୁଷ୍ଠିତ ହୋଇଥିଲା । ଜାତୀୟ ସେବା କାର୍ଯ୍ୟକ୍ରମ ଅଧୀନରେ ଆବର୍ଜନା ଓ ବ୍ୟାଧି ବିରୁଦ୍ଧରେ ଯୁବ ସମାଜକୁ ନିଯୁକ୍ତ କରିବା ପାଇଁ ଏହିଭଳି ଶିବିର ଆୟୋଜିତ ହେଉଛି ।



ଏହି ଦଶ ଦିନିଆ ଛାତ୍ର ଶିବିରରେ ରେଭେନ୍ସା କଲେଜର ଦୁଇ ଜଣ ଅଧ୍ୟାପକଙ୍କ ନେତୃତ୍ୱରେ ୨୫ ଜଣ ଛାତ୍ର ଯୋଗ ଦେଇଥିଲେ । ଏଠାରେ ଗାଁର ରାସ୍ତା ଏବଂ ନର୍ଦ୍ଦମାଆଦି ସଫା କରିବା, କମ୍ପୋଷ୍ଟ ଗାତ ଖୋଳିବା ଏବଂ ଲୋକମାନଙ୍କୁ ଟୀକା ଦେବାର ବ୍ୟବସ୍ଥା କରିବା ଆଦି କାର୍ଯ୍ୟ କରାଯାଇଥିଲା । ଗ୍ରାମବାସୀମାନେ ଏଥିରେ ପୂର୍ଣ୍ଣପ୍ରାଣରେ ସହଯୋଗ କରିଥିଲେ ।

# ଭାରତର ପ୍ରଥମ କୃତ୍ରିମ ଉପଗ୍ରହ

ବାଙ୍ଗାଲୋର ସହର ନିକଟରେ ଭାରତୀୟ ବୈଜ୍ଞାନିକ ତଥା ଇଂଜିନିୟରମାନଙ୍କ ସହାୟତାରେ ଭାରତର ପ୍ରଥମ କୃତ୍ରିମ ଉପଗ୍ରହ ନିର୍ମିତ ହେଉଛି । ଏହି ଉପଗ୍ରହର ନକ୍ସା ପ୍ରସ୍ତୁତଠାରୁ ଆରମ୍ଭ କରି ଏହାର ନିର୍ମାଣ ତଥା ବିଭିନ୍ନ ଯନ୍ତ୍ରପାତିର ସଂଯୋଗ କାର୍ଯ୍ୟ ପୁରାପୁରି ଭାରତୀୟ ବୈଜ୍ଞାନିକ ଏବଂ ଇଂଜିନିୟରମାନଙ୍କ ଦ୍ୱାରା କରାଯାଉଛି । ଚଳିତ ବର୍ଷ ଶେଷ ବେଳକୁ ଏହାର ନିର୍ମାଣ ସଂପୂର୍ଣ୍ଣ ହେବା ସଙ୍ଗେ ସଙ୍ଗେ ଏକ ସୋଭିଏତ ରକେଟ୍ରୁ ଏହାକୁ ମହାକାଶକୁ ପ୍ରେରଣ କରାଯିବ ।

ଏହି କୃତ୍ରିମ ଉପଗ୍ରହ ନିର୍ମାଣ ଫଳରେ ଯେଉଁ ଅଭିଜ୍ଞତା ହେଲା ତଦ୍ଦ୍ୱାରା ଆମର ବୈଜ୍ଞାନିକମାନେ ଏଭଳି ବୃହତ୍ ତଥା ଅତ୍ୟାଧୁନିକ କୃତ୍ରିମ ଉପଗ୍ରହ ତିଆରି କରିବା ପାଇଁ ସକ୍ଷମ ହେବେ । ଏହି କୃତ୍ରିମ ଉପଗ୍ରହଗୁଡ଼ିକୁ ଯୋଗାଯୋଗ ଓ ପାଣିପାଗ ପର୍ଯ୍ୟବେକ୍ଷଣ କାର୍ଯ୍ୟରେ ଲଗାଯିବା ସଙ୍ଗେ ସଙ୍ଗେ ଭୂ-ଗର୍ଭ ଏବଂ ସମୁଦ୍ର ଗର୍ଭରେ ଚଳିତ ପ୍ରାକୃତିକ ସମ୍ପଦର ଅନୁସନ୍ଧାନ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ ।

ଏହି କୃତ୍ରିମ ଉପଗ୍ରହର ନିର୍ମାଣ ଅତ୍ୟନ୍ତ ଜଟିଳ ଓ କଷ୍ଟକର । ମହାକାଶରେ ଉପଗ୍ରହକୁ ପ୍ରେରଣ କରାଯିବା ପୂର୍ବରୁ ପ୍ରତ୍ୟେକ ଅଂଶକୁ ବାରମ୍ବାର ପରୀକ୍ଷା କରାଯାଇ ସେଗୁଡ଼ିକ ଉପଯୁକ୍ତ ବିବେଚିତ ହେବାପରେ ଉପଗ୍ରହରେ ଖଞ୍ଜାଯାଇଥାଏ । ଉଦାହରଣ ସ୍ୱରୂପ, ଉପଗ୍ରହଟିର ବାହ୍ୟ ଆବରଣ ୧୫୦୦ ସେଣ୍ଟିଗ୍ରେଡ୍ଠାରୁ ଆରମ୍ଭ କରି ୧୦୦୦ ସେଣ୍ଟିଗ୍ରେଡ୍ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ-ବୃଦ୍ଧି ସହ୍ୟ କରିବାପାଇଁ ସକ୍ଷମ ହେବା ଉଚିତ । କିନ୍ତୁ ଉପଗ୍ରହଟିର ଭିତର ତାପମାତ୍ରା ସ୍ଥିର ରହିବା ଆବଶ୍ୟକ । ଏଥି ସକାଶେ ଉପଗ୍ରହଟିର ଭିତର ଆବରଣ ତାପମାତ୍ରା ଗ୍ରହଣଯୋଗ୍ୟ ଓ ପ୍ରତିଫଳନଯୋଗ୍ୟ ହେବା ଦରକାର ।

ଭାରତୀୟ ବୈଜ୍ଞାନିକମାନେ ଉକ୍ତ କୃତ୍ରିମ ଉପଗ୍ରହଟିକୁ ନିର୍ଦ୍ଦେଶ ଦେବେ । ଉକ୍ତ ନିର୍ଦ୍ଦେଶଗୁଡ଼ିକର ବିବରଣୀ ଉଭୟ ସୋଭିଏତ ରାଷ୍ଟ୍ର ଏବଂ ଆନ୍ଧ୍ର ପ୍ରଦେଶସ୍ଥିତ ଶ୍ରୀହରିକୋଟାଠାରେ ପ୍ରତିଷ୍ଠା ହେବାକୁ ଯାଉଥିବା ମହାକାଶ କେନ୍ଦ୍ରରେ ଲିପିବଦ୍ଧ କରାଯିବ ।

ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ସୋଭିଏତ୍ ରାଷ୍ଟ୍ର ଉକ୍ତ କୃତ୍ରିମ ଉପଗ୍ରହ ପାଇଁ କେତେକ ଟେପ୍ ରେକର୍ଡର ଏବଂ ସୌର ସେଲ୍ ଭାରତକୁ ଯୋଗାଇ ଦେଉଛନ୍ତି ।

୩୦୨ କିଲୋଗ୍ରାମ ଓଜନ ବିଶିଷ୍ଟ ଏହି କୃତ୍ରିମ ଉପଗ୍ରହଟି ୬୦୦ କିଲୋମିଟରର ଏକ ଗୋଲାକାର ପଥରେ ପୃଥିବୀ ଚତୁଃପାର୍ଶ୍ୱରେ ପରିଭ୍ରମଣ କରିବ । ଗୋଟିଏ ଥର ପରିଭ୍ରମଣ କରିବା ପାଇଁ ଏହାକୁ ପ୍ରାୟ ୯୩ ମିନିଟ୍ ସମୟ ଲାଗିବ ।

ଏକ ହେଲିକପ୍ଟର ସାହାଯ୍ୟରେ ଉପଗ୍ରହ ଏବଂ ଭୂପୃଷ୍ଠସ୍ଥିତ ନିୟନ୍ତ୍ରଣ କେନ୍ଦ୍ର ମଧ୍ୟରେ ଯୋଗସୂତ୍ର ରକ୍ଷା କରିବା କାର୍ଯ୍ୟ ସଫଳତାର ସହ ପରୀକ୍ଷା କରି ଦେଖାଯାଇଅଛି । ଆବଶ୍ୟକ ଯାନ୍ତ୍ରିକ ତଥା ବୈଦ୍ୟୁତିକ ପରୀକ୍ଷା ପରେ ଉପଗ୍ରହଟିର ମଡେଲ ତିଆରି କରାଯାଇ ସୋଭିଏତ୍ ଉପଗ୍ରହ ପ୍ରେରଣ ଘାଟୀକୁ ପଠାଯିବ ।

ଛାତ୍ରମାନେ ଉକ୍ତ ଗ୍ରାମର ଏକ ସାମାଜିକ ତଥା ଅର୍ଥନୈତିକ ସର୍ଭେ କରିଥିଲେ। ଏଠାରେ ଗାଁ ସହଳିର ଲୋକ ଆୟୋଜନ କରାଯାଇଥିଲା। ଡ଼ାକ୍ତରମାନେ ଆସି ଲୋକମାନଙ୍କୁ ପରିଷ୍କାର ପରିଚ୍ଛନ୍ନତା ବିଷୟରେ ବୁଝାଇଥିଲେ। ଏହି ଦଶ ଦିନ ମଧ୍ୟରେ ୧୬୧ ଜଣ ଲୋକ ଟୀକା ନେଇଥିଲେ, ଛଅଟି କମ୍ପୋଷ୍ଟ ଗାତ ଖୋଳା-ଯାଇଥିଲା ଏବଂ ପ୍ରାୟ ଦୁଇ କିଲୋମିଟର ରାସ୍ତା ପରିଷ୍କାର କରାଯାଇଥିଲା।



ଏ ସବୁ କାମ ସାଙ୍ଗକୁ ଶିବିର ତରଫରୁ ନାଟକ ଏବଂ ବକ୍ତୃତା ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ଛାତ୍ରମାନଙ୍କୁ ଗ୍ରାମ୍ୟ ଜୀବନ ସହ ପରିଚିତ କରାଇବା ଏବଂ ସହର ଓ ଗ୍ରାମାଞ୍ଚଳ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ।

# ରାଜ୍ୟରେ ଦ୍ରୁତ ଶିଳ୍ପାୟନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଶିଳ୍ପୋଦ୍ୟୋଗୀମାନେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଗଲେ ବେଳେ ଯେଉଁ ସବୁ ଅଭାବ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେଗୁଡ଼ିକୁ ଦୂର କରିବା ଦିଗରେ ତୁରନ୍ତ ଓ ସକ୍ରିୟ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ସଂପୃକ୍ତ ବିଭାଗୀୟ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଶ୍ରୀମତୀ ଶତପଥୀ ଶିଳ୍ପ, ରାଜସ୍ୱ, ବିଦ୍ୟୁତ୍, ଅର୍ଥ ବିଭାଗ ଓ ବିଭିନ୍ନ କର୍ପୋରେସନର ଉଚ୍ଚ କର୍ମକର୍ତ୍ତାମାନଙ୍କ ପାଖକୁ ନିକଟରେ ଏକ ପତ୍ର ପଠାଇ ଶିଳ୍ପୋଦ୍ୟୋଗୀମାନେ ଯେଉଁଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ ଏହା ଫଳରେ ଶିଳ୍ପ ବିକାଶ ବାଧାପ୍ରାପ୍ତ ହେଉଛି, ସେଥିରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଶ୍ରୀମତୀ ଶତପଥୀ ଉକ୍ତ ପତ୍ରରେ କହିଛନ୍ତି ଯେ ରାଜ୍ୟର ଦ୍ରୁତ ଶିଳ୍ପାୟନ ସରକାରଙ୍କ ଘୋଷିତ ନୀତି ହୋଇଥିଲେ ମଧ୍ୟ ଏବଂ ଶିଳ୍ପୋଦ୍ୟୋଗୀମାନଙ୍କୁ ବିଭିନ୍ନ ପ୍ରକାରର ସୁବିଧା ସୁଯୋଗ ଦେବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅନେକ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହେଉନାହିଁ । ଏହା ଫଳରେ ଶିଳ୍ପୋଦ୍ୟୋଗୀମାନଙ୍କ ମନରେ ଆଶଙ୍କା ଜନ୍ମୁଛି ଯେ ସରକାରଙ୍କ ପ୍ରତିଶ୍ରୁତିରେ କୌଣସି ଆନ୍ତରିକତା ନାହିଁ । ଏଣୁ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ସେମାନେ ଆଗ୍ରହ ପ୍ରକାଶ କରୁ ନାହାନ୍ତି । ଏଭଳି ପରିସ୍ଥିତିର ସମାଧାନ ପାଇଁ ସଂପୃକ୍ତ ବିଭାଗର ମୁଖ୍ୟ କର୍ତ୍ତାମାନେ ସରକାରଙ୍କ ଶିଳ୍ପବିକାଶ ଆଭିମୁଖ୍ୟ ପ୍ରତି ଦୃଷ୍ଟି ରଖି ଶିଳ୍ପ ପ୍ରତିଷ୍ଠା ସମ୍ପର୍କୀୟ ପ୍ରସ୍ତାବଗୁଡ଼ିକୁ ବିଶେଷ ଅଗ୍ରାଧିକାର ଦେଇ ଆନ୍ତରିକତାର-ସହ ପରୀକ୍ଷା କରିବା ଉଚିତ ଓ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ କରିବା ଉଚିତ । ମୁଖ୍ୟମନ୍ତ୍ରୀ ସୂଚାଇଛନ୍ତି ଯେ ଶିଳ୍ପ ପ୍ରତିଷ୍ଠା ପାଇଁ ଜମି, ବିଦ୍ୟୁତ ଓ ଅର୍ଥ ଆବଶ୍ୟକ । ସଂପୃକ୍ତ ବିଭାଗଗୁଡ଼ିକ ଏ ସମ୍ପର୍କୀୟ ପ୍ରସ୍ତାବ ପରୀକ୍ଷା କଲାବେଳେ ଚିରାଚରିତ ଢଙ୍ଗରେ କାର୍ଯ୍ୟ କଲେ ଶିଳ୍ପ ବିକାଶ ତ୍ୱରାନ୍ୱିତ ହୋଇ ପାରିବ ନାହିଁ । ସଂପୃକ୍ତ ବିଭାଗ ଏ ଭଳି ପ୍ରସ୍ତାବଗୁଡ଼ିକୁ ନିଜ ବିଭାଗର ପ୍ରସ୍ତାବ ବୋଲି ମନେ କରି ଓ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଆବଶ୍ୟକ । ଶିଳ୍ପ ପ୍ରତିଷ୍ଠା ସମ୍ପର୍କୀୟ ବ୍ୟାପାର ଶିଳ୍ପ ବିଭାଗର କାର୍ଯ୍ୟ ପରିସରଭୁକ୍ତ ହୋଇଥିଲେ ମଧ୍ୟ ଅନ୍ୟାନ୍ୟ ସଂପୃକ୍ତ ବିଭାଗ ତତ୍ପରତାର ସହିତ କାମ ନ କଲେ ସରକାରଙ୍କର ଘୋଷିତ ଆଭିମୁଖ୍ୟ ସଫଳ ହେବ ନାହିଁ । ସମୟେ ସମୟେ ସଂପୃକ୍ତ ବିଭାଗର କର୍ମକର୍ତ୍ତାମାନେ ଶିଳ୍ପ ସଂପର୍କିତ କାର୍ଯ୍ୟକ୍ରମଗୁଡ଼ିକର ପର୍ଯ୍ୟାଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଶିଳ୍ପ ପ୍ରତିଷ୍ଠା ସମ୍ପର୍କୀୟ ଆବେଦନ ପତ୍ର ଗୁଡ଼ିକ ତୁରନ୍ତ ଫଇସଲା କରିବା ଦିଗରେ ବର୍ତ୍ତମାନ ପ୍ରଚଳିତ ଥିବା ପଦ୍ଧତିରେ କୌଣସି ପରିବର୍ତ୍ତନ କରାଯାଇ ପାରିବ କି ନାହିଁ, ସେ ସମ୍ପର୍କରେ ପରୀକ୍ଷା କରି ଦେଖିବାକୁ ମୁଖ୍ୟମନ୍ତ୍ରୀ ମୁଖ୍ୟ ଶାସନ ସଚିବଙ୍କୁ ଜଣାଇଛନ୍ତି ।

ଶ୍ରୀମତୀ ଶତପଥୀ ଆହୁରି କହିଛନ୍ତି ଯେ ଶିଳ୍ପ କାରଖାନା ଅଧିକ ସଂଖ୍ୟାରେ ପ୍ରତିଷ୍ଠିତ ହେଲେ ଓଡ଼ିଶାବାସୀଙ୍କ ପାଇଁ ନିଯୁକ୍ତିର ସୁଯୋଗ ବୃଦ୍ଧି ପାଇବ । ଏଣୁ ଶିଳ୍ପ ବିକାଶ କ୍ଷେତ୍ରରେ ରହିଥିବା ସମସ୍ତ ପ୍ରକାର ପ୍ରତିବନ୍ଧକ ଦୂର କରାଯିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି । ଯେଉଁ ସବୁ ଶିଳ୍ପଗୁଡ଼ିକ ରାଜ୍ୟର ଖଣିଜ ସଂପଦ ବିନିଯୋଗ କରି ବିଭିନ୍ନ ସାମଗ୍ରୀ ରାଜ୍ୟରେ ପ୍ରସ୍ତୁତ କରିବେ ସେଗୁଡ଼ିକୁ ଉତ୍ସାହିତ କରିବା ସରକାରଙ୍କ ନୀତି ବୋଲି ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି ।

# ହରିଅନ୍ତା ଗ୍ରାମର ବିକାଶ କାହାଣୀ

ଓଡ଼ିଶାର ବୃହତ୍ତମ ଓ ପ୍ରାଚୀନତମ ସହର କଟକ ଆଜି ଯେପରି ତା'ର ପରିବର୍ଦ୍ଧିତ ଓ ପରିବର୍ତ୍ତିତ କଳେବର ବିସ୍ତାର କରି ମହାନଦୀ ଓ କାଠଯୋଡ଼ି ନଦୀର ମଧ୍ୟ ଭାଗରେ ଅବସ୍ଥିତ, ସେହିପରି ଏହି ସହରର ପରିବର୍ତ୍ତନ ସଙ୍ଗେ ତାଳଦେଇ ସହର ଉପକଣ୍ଠରେ ଥିବା ଗ୍ରାମଗୁଡ଼ିକ ମଧ୍ୟ ନାନା ଘାତ-ପ୍ରତିଘାତ ଭିତରେ ତିଷ୍ଠି ରହିଛି ।

କଟକ ସହରଠାରୁ ୧୨ କିଲୋ ମିଟର ଦୂରରେ ହରିଅନ୍ତା ଗ୍ରାମ । ଏ ଗ୍ରାମଟି ଖୁବ୍ ପ୍ରାଚୀନ । ଗ୍ରାମର ପ୍ରବୀଣ ଲୋକମାନେ କହନ୍ତି ଯେ ହରିଅନ୍ତା ଗ୍ରାମଟି ପ୍ରାୟ ୩୦୦ ବର୍ଷ ପୂର୍ବର । କିଏ ଏ ଗାଁର ନାମ ହରିଅନ୍ତା ଦେଲା, ତାହାର ଇତିହାସ ନାହିଁ । କଟକରୁ ପାଣ୍ଡୁନଗର ଜାତୀୟ ରାଜପଥରେ କଲିକତା ଆଡକୁ ମୁହେଁଇ ଗଲେ ୧୨ କିଲୋମିଟର ଦୂରରେ ରାସ୍ତାର ଡାହାଣ ପାର୍ଶ୍ୱରେ ତ୍ରିନାଥ ଠାକୁରଙ୍କର ଆସ୍ଥାନ ଓ ସେଠାରୁ ୪୦୦ ଗଜ ଦୂରକୁ ହରିଅନ୍ତା ଗାଁ । ସନ୍ଧ୍ୟାବେଳେ ଗ୍ରାମର ଲୋକମାନେ ଏଇଠି ଆସି ଜମା ହୁଅନ୍ତି । ଠାକୁର ପୂଜା କରନ୍ତି ଓ ଦେହି କେହି ସୁଖ ଦୁଃଖ କଥା ବାର୍ତ୍ତା ହୁଅନ୍ତି । ଏଠାରୁ ପ୍ରାୟ ଦୁଇ କିଲୋମିଟର ବରରେ ଚୌଦ୍ୱାର ଶିଳ୍ପ କାରଖାନାଗୁଡ଼ିକର ଚିମିନିରୁ ଧୂଆଁ ଆସ୍ତେ ଆସ୍ତେ ଆକାଶରେ ମଉଳି ଯାଏ । ଯାନ୍ତ୍ରିକ ସଭ୍ୟତା ଓ ପୁରାତନ ସଭ୍ୟତା-ଏ ଉଭୟର କ୍ରମବିକାଶ ସହିତ ଉକ୍ତ ଗ୍ରାମବାସୀଗଣ ନିବିଡ ଭାବରେ ଜଡ଼ିତ । ଗ୍ରାମର ଲୋକସଂଖ୍ୟା ପ୍ରାୟ ସାତଶହ ପଚାଶ । ସେଥିରୁ ପୁଣି ଅସବର୍ଣ୍ଣ ଶ୍ରେଣୀର ଲୋକ ପ୍ରାୟ ଦୁଇ ଶହ ଯାଏ । କିନ୍ତୁ ସବର୍ଣ୍ଣ ଅସବର୍ଣ୍ଣ ଭେଦଭାବ ଭୁଲି ଏମାନେ ଗୋଟିଏ ପରିବାରର ଲୋକଭଳି ଚଳନ୍ତି । ଚାଷ ହେଲା ଏମାନଙ୍କର ପ୍ରଧାନ ଧନ୍ଦା । ଚାଷ ଛଡା ପ୍ରାୟ ୫୦ ଜଣ ଯାଏଁ ଗ୍ରାମବାସୀ ଚୌଦ୍ୱାର ଶିଳ୍ପ କାରଖାନା, ସରକାରୀ ଅଫିସ ତଥା ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କରେ ଚାକିରି କରନ୍ତି । ଗ୍ରାମଟି ଟାଙ୍ଗୀ ବ୍ଲକ ଅନ୍ତର୍ଗତ । ଗ୍ରାମର ଚାଷୀମାନେ ଆଗେ ପାରମ୍ପରିକ ରୀତିରେ ଚାଷ କରି ଚଳି ଆସୁଥିଲେ । ମାତ୍ର ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ପରଠାରୁ ସେମାନଙ୍କର ଦୃଷ୍ଟିଭଙ୍ଗୀ ବଦଳିବାକୁ ଲାଗିଲା । ଗୋଟିଏ ଫସଲ ପରିବର୍ତ୍ତେ ସେମାନେ ପର୍ଯ୍ୟାୟକ୍ରମେ ଦୋହରୀ ଫସଲ କରିବାକୁ ଛାଡ଼ିଲେ ନାହିଁ । ଉନ୍ନତ ପ୍ରଣାଳୀର ବିହନ, ସାରର ପ୍ରୟୋଗ ବିଧି ବିଷୟରେ ସେମାନେ ଭଲଭାବରେ ଅବହିତ ହେଲେ ଓ ସେହି ନୂତନ ଜ୍ଞାନ ଓ ଅଭିଜ୍ଞତାରୁ ଫାଇଦା ଉଠାଇଲେ । କେବଳ ସେତିକି ନୁହେଁ ଫଳ ଚାଷ କରି ଦିପଇସା ହାତ ଖର୍ଚ୍ଚ ଯୋଗାଡ କରିବାକୁ ସେମାନେ ଆଉ ଏକ ପାଦ ଆଗେଇଛନ୍ତି । ଉନ୍ନତ ନଡ଼ିଆ, କଦଳୀ, ଓ ଆମ୍ବ ଚାରା ଆଣି ସେମାନେ ରୋପଣ କଲେଣି

ଏ ଗ୍ରାମରେ ଧାନ ପ୍ରଧାନ ଚାଷ ଓ ଏ ଚାଷ ପାଇଁ ଅନୁକୂଳ ପରିବେଶ ମଧ୍ୟ ରହିଛି । ମହାନଦୀ ହାଇଲେଭଲ୍ କେନାଲରୁ ଜଳସେଚନ ପାଇଁ ଚାଷ ଜମିକୁ ଜଳ ଯୋଗାଇ ଦିଆଯାଏ । ସମତଳ ଅଞ୍ଚଳ ହୋଇଥିବାରୁ ଓ ଜଳସେଚନର ସୁବିଧା ଥିବାରୁ ଉଠାଜଳସେଚନ ପାଇଁ ଚାଷୀଙ୍କର ଆଗ୍ରହ ନାହିଁ। ବେଳେ ବେଳେ ଧାନରେ ବିଶେଷତଃ ଅଧିକ ଅମଳକ୍ଷମ ଧାନରେ ପୋକ ଲାଗନ୍ତି । ଏଥିରୁ ଫସଲକୁ ରକ୍ଷା କରିବାପାଇଁ ପୋକମରା ଔଷଧ ବ୍ୟବହାର କରାଯାଏ । ଗ୍ରାମର ଆଗୁଆ ଚାଷୀ ସର୍ବଶ୍ରୀ ସୁଦର୍ଶନ ଲେଙ୍କା, ଉଦ୍ଧବ ଚରଣ ମହାନ୍ତି, କିଶୋରଚନ୍ଦ୍ର ନାୟକ ଓ ଶରତଚନ୍ଦ୍ର ସାମଲ ପ୍ରମୁଖ ଗ୍ରାମବାସୀଙ୍କୁ ଉତ୍ସାହିତ କରିବାରେ ସକ୍ରିୟ ଅଂଶ ଗ୍ରହଣ କରିଛନ୍ତି । ୧୦୧୪ ନମ୍ବର, ୯୦ ନମ୍ବର ଧାନ ପ୍ରତି

ଏ ଗ୍ରାମର ଚାଷୀମାନଙ୍କ ବିଶେଷ ଆଗ୍ରହ ରହିଛି । ତାଇଚୁଙ୍ଗ, ଆଇ. ଆର-୮ ପ୍ରଭୃତି ଧାନ ଅଧିକ ଅମଳକ୍ଷମ ହେବେ ସୁଦ୍ଧା ପୋକ ଓ ରୋଗ ସହିପାରୁ ନଥିବାରୁ ଗ୍ରାମବାସୀମାନେ ଉକ୍ତ ଧାନ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁ ନଥିଲେ । ମାତ୍ର ରୋଗ ପୋକର ଦାଉ ସମ୍ଭାଳି ପାରିବାର ନୂତନ କିହନ ବାହାରିଲେ ତାହା ଚାଷ କରିବାପାଇଁ ସେମାନେ ଅପେକ୍ଷା କରି ରହିଛନ୍ତି ।

ଏହି ଗ୍ରାମରେ ୨୭ ବର୍ଷ ହେଲା ଗଠିତ ହୋଇଥିବା ଯୁବକ ସଂଘ ଆଜି ନୂତନ ପ୍ରେରଣା ନେଇ ଅଗ୍ରେଇ ଚାଲିଛି । ପ୍ରତିବର୍ଷ ଯୁବକ ସଂଘ ଗ୍ରାମବାସୀଙ୍କ ସହାୟତାରେ ଏକାଧିକ ଅଭିନୟ ପରିବେଷଣ କରି ଗ୍ରାମବାସୀଙ୍କର ଅତି ପ୍ରିୟଭାଜନ ହୋଇ ପାରିଛନ୍ତି । ଗତ ପ୍ରାୟ ସାତବର୍ଷ ହେବ ଏହି ଯୁବକ ସଂଘ ଆଉ କେତେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସେଗୁଡ଼ିକ ହେଲା ପଲ୍ଲୀଶ୍ରୋତା ମଣ୍ଡଳୀ-ଗଠନ, ରାସ୍ତାଘାଟ, ଜଳାଶୟ ଓ ପୋଖରୀର ଉନ୍ନତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଯୋଜନା ଜରିଆରେ ଗ୍ରାମର ଉନ୍ନତିବିଧାନ ଇତ୍ୟାଦି । ଇତି ମଧ୍ୟରେ ଗ୍ରାମକୁ ବିଜୁଳି ଯୋଗାଇ ଦିଆଯାଇଛି । ଗ୍ରାମରେ ଗୋଟିଏ ଡାକଘର ଅଛି । ଗ୍ରାମବାସୀ ପାସ୍ ବହି ଜରିଆରେ ଅର୍ଥ ସଞ୍ଚୟ କରିବାର ସୁଯୋଗ ଛାଡ଼ି ନାହାନ୍ତି । ପରିବାର କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ପ୍ରାୟ ୬୦ ଜଣ ଯାଏଁ ପୁରୁଷ ଓ ସ୍ତ୍ରୀ ଉପକୃତ ହେଲେଣି । ଗ୍ରାମର ପୋଖରୀମାନଙ୍କରେ ନୂଆକରି ମାଛଚାଷ କରାଯିବାର ଯୋଜନା କରାଯାଉଛି ।

ଗ୍ରାମରେ ଉଚ୍ଚ ଶିକ୍ଷା ପାଇଁ ସ୍କୁଲ ନଥିଲେ ମଧ୍ୟ ଶିକ୍ଷିତ ଯୁବକଙ୍କ ସଂଖ୍ୟା କମ୍ ନୁହେଁ । ଗ୍ରାମର ପର୍ବପର୍ବାଣିକୁ ଜୀବନ୍ତ କରିବା ପାଇଁ ବୟସ୍କ ଲୋକମାନଙ୍କ ମତାମତକୁ ଉଚିତ ସମ୍ମାନ ଦେଇ ଶିକ୍ଷିତ ଯୁବକମାନେ କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ କରନ୍ତି । ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣମା, ରାସ ପୂର୍ଣ୍ଣିମା ସାଙ୍ଗକୁ ଗୋପାଳଜୀ ମଠର ଝୁଲଣ ଗ୍ରାମ୍ୟ ଜୀବନକୁ ସରସ ଓ ସ୍ପନ୍ଦନମୟ କରିଥାଏ । ସୁଖ ଦୁଃଖର ସଂସାରରେ ହରିଅତା ଗ୍ରାମବାସୀ ଦୁଃଖକୁ ପଛକୁ ଠେଲି ଦେଇ ସୁଖର ପଥ ସରଳ କରି ସୁନ୍ଦର ଓ ସରସ ଜୀବନ ଯାପନ କରିବେ, ଏଥିରେ ସନ୍ଦେହ ନାହିଁ ।

---

## କୀଟାଣୁ ପ୍ରତିଷେଧକ ଧାନ

କଟକସ୍ଥିତ କେନ୍ଦ୍ର ଧାନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ବାହାର କରାଯାଇଥିବା ବଂଶିପୋକ ପ୍ରତିରୋଧକ ଧାନ 'ଶକ୍ତି' ସମ୍ବଲପୁର ଓ ଢେଙ୍କାନାଳ ଜିଲାର ଚାଷୀମାନଙ୍କ ମଧ୍ୟରେ ବିଶେଷ ଲୋକପ୍ରିୟ ହୋଇପାରିଛି । ଏହି ଧାନଗଛରେ ବଂଶିପୋକ ଲାଗେ ନାହିଁ ଏବଂ ଫଳତଃ ଗଛରେ କୌଣସି ରାସାୟନିକ ଔଷଧ ପ୍ରୟୋଗ କରିବା ଆବଶ୍ୟକ ପଡ଼େ ନାହିଁ । ଓଡ଼ିଶା, ମଧ୍ୟପ୍ରଦେଶ ଓ ପଶ୍ଚିମ ବଂଗରେ ବିଶେଷତଃ ବର୍ଷା ଋତୁରେ ବଂଶିପୋକର ପ୍ରାଦୁର୍ଭାବ ଦେଖାଯାଏ । ଏହି ନୂଆ ଧାନ ଦ୍ୱାରା ବଂଶିପୋକ ଆକ୍ରମଣରୁ ଫସଲ ରକ୍ଷା କରାଯାଇ ପାରିବ ବୋଲି ଆଶା କରାଯାଉଛି ।

# ବିମାନ ଚଳାଚଳ କ୍ଷେତ୍ରରେ ଅଧିକ ସୁବିଧା ସୁଯୋଗ

ଆମ ଦେଶ ଭିତରେ ବିମାନ ଚଳାଚଳ ସଂଖ୍ୟା ଇତିମଧ୍ୟରେ ଆଶାତୀତଭାବେ ବଢ଼ି ପାରିଛି । ଆବଶ୍ୟକତା ଅନୁଯାୟୀ ବର୍ତ୍ତମାନ ଦିଲ୍ଲୀ, କଲିକତା, ବମ୍ବେ ଓ ମାନ୍ଦ୍ରାଜ ବିମାନ ବନ୍ଦରରେ ଥିବା ବିମାନ ଚଳାଚଳର ସୁବିଧା ଯଥେଷ୍ଟ ନୁହେଁ ।

ବର୍ତ୍ତମାନ ଦେଶର ଏହିଗୋଟି ବିମାନ ବନ୍ଦର ଚାରିଥାରେ ବାର୍ଷିକ ମୋଟ ୧୩୦,୦୦୦ ବିମାନ ଚଳାଚଳ କରୁଛି । ଆନ୍ତର୍ଜାତିକ ବିମାନ ବନ୍ଦରମାନଙ୍କରେ ବାର୍ଷିକ ୫.୫୩ ନିୟୁତ ଯାତ୍ରୀ ଯିବାଆସିବା କରିଥାଆନ୍ତି । ୧୯୮୦ ମସିହା ବେଳକୁ ଏହି ୪ଟି ଆନ୍ତର୍ଜାତିକ ବିମାନ ବନ୍ଦର ଦେଇ ୨୪୦,୦୦୦ଟି ବିମାନ ଚଳାଚଳ କରିବା ସଙ୍ଗେ ସଙ୍ଗେ ବିମାନ ଯାତ୍ରୀ ସଂଖ୍ୟା ମଧ୍ୟ ୧୮ ନିୟୁତକୁ ବୃଦ୍ଧିପାଇବ ।

ଭବିଷ୍ୟତରେ ଆମର ଏ ଦିଗରେ କ'ଣ କ'ଣ ଆବଶ୍ୟକ ହେବ, ସେ ସଂକ୍ରାନ୍ତରେ ଭାରତର ଆନ୍ତର୍ଜାତିକ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁଧ୍ୟାନ କରାଯାଇଛି ଏବଂ ତଦନୁଯାୟୀ ଆଭ୍ୟନ୍ତରୀଣ ତଥା ଆନ୍ତର୍ଜାତିକ ବିମାନ ଯାତ୍ରୀମାନଙ୍କପାଇଁ ଦିଲ୍ଲୀଠାରେ ଏକ ନୂତନ ଏୟାର ଟର୍ମିନାଲ ନିର୍ମାଣ କରିବାକୁ ପଡ଼ିବ । ସେହିପରି ବମ୍ବେଠାରେ ମଧ୍ୟ ଆନ୍ତର୍ଜାତିକ ବିମାନ ଚଳାଚଳ ନିମନ୍ତେ ନୂତନ ଏୟାର ଟର୍ମିନାଲ ନିର୍ମାଣର ଆବଶ୍ୟକତା ରହିଛି । ମାନ୍ଦ୍ରାଜଠାରେ ଘରୋଇ ତଥା ଆନ୍ତର୍ଜାତିକ ବିମାନ ଚଳାଚଳ ପାଇଁ ନୂତନ ଟର୍ମିନାଲ ନିର୍ମାଣ କରିବାକୁ ହେବ । କଲିକତାଠାରେ ଏକ ଆନ୍ତର୍ଜାତିକ ବିମାନ ଚଳାଚଳ ପାଇଁ ଏକ ଟର୍ମିନାଲ ନିର୍ମିତ ହୋଇଛି । କିନ୍ତୁ ଆଭ୍ୟନ୍ତରୀଣ ବିମାନ ପାଇଁ ଏକ ନୂଆ ଟର୍ମିନାଲର ଆବଶ୍ୟକତା ରହିଛି ।

———

ଜାତୀୟ ସଂଚୟ ସଂଗଠନ

୧୯୭୪ ମସିହା ଏପ୍ରିଲ ପହିଲାଠାରୁ

# ଉଚ୍ଚ ହାରରେ ସୁଧ ଘୋଷଣା କରିଛନ୍ତି

| ସିକ୍ୟୁରିଟି ଓ ହିସାବର ନାମ | ପୁରାତନ (ବାର୍ଷିକ ହାର) | ନୂତନ (ବାର୍ଷିକ ହାର) |
| --- | --- | --- |
| ଡାକଘର ସଞ୍ଚୟ ବ୍ୟାଙ୍କ | 4% | 5% |
| 7-ବର୍ଷିଆ ଜାତୀୟ ସଞ୍ଚୟ ସାର୍ଟିଫିକେଟ (ଦ୍ୱିତୀୟ ଓ ତୃତୀୟ ପ୍ରକାଶ) | 5% | 5% |
| 7-ବର୍ଷିଆ ଜାତୀୟ ସଞ୍ଚୟ ସାର୍ଟିଫିକେଟ (ଚତୁର୍ଥ ଓ ପଞ୍ଚମ ପ୍ରକାଶ) | 7.5% (ଚକ୍ରବୃଦ୍ଧି) | 8·25% (ଚକ୍ରବୃଦ୍ଧି) |
| ଡାକଘର ମିଆଦ ଜମା | | |
| 1-ବର୍ଷିଆ | 6% | 6·75% |
| 2ୟ ଓ ତୃତୀୟ ବର୍ଷିଆ | 7% | 7·5% |
| 5-ବର୍ଷିଆ | 7·25% | 8% |
| 5-ବର୍ଷିଆ ଡାକଘର ପୌନଃପୁନିକ ଜମା ହିସାବ | 6·75% | 7·25% |
| 10-ବର୍ଷିଆ ଡାକଘର କ୍ରମବର୍ଦ୍ଧମାନଶୀଳ ମିଆଦ ଜମା ହିସାବ | 4·75% | 5·25% |
| 15-ବର୍ଷିଆ ସାଧାରଣ ଭବିଷ୍ୟ ନିଧି ହିସାବ | 5·3% | 5·8% |

ସୁଧ କରମୁକ୍ତ

ଜମା ଦେବାପାଇଁ ଶହାଦ ପରେ ଏବଂ ସୁଧ, କରମୁକ୍ତ.

ଅନ୍ୟାନ୍ୟ ନିର୍ଦ୍ଧାରିତ ପରିକଳ୍ପନାରୁ ମିଳୁଥିବା ସୁଧ ସମେତ ଏତଦ୍‌ଭିନ୍ନ ଅନ୍ୟ ପରିକଳ୍ପନା-ଗୁଡ଼ିକରୁ ମିଳୁଥିବା ବାର୍ଷିକ 3000 ଟଙ୍କା ପର୍ଯ୍ୟନ୍ତ ସୁଧ ଉପରେ ଆୟକର ପଡ଼େନାହିଁ ।

**ଏବେ ସଞ୍ଚୟ କରନ୍ତୁ ଏବଂ ଅଧିକ ସଞ୍ଚୟ କରନ୍ତୁ**

**ଜାତୀୟ ସଞ୍ଚୟ ସଂଗଠନ**

ପୋଷ୍ଟ-ବକ୍ସ ନଂ ୨୬ ନାଗପୁର

davp 74/78

# ବ୍ୟବସାୟିକ ଭିତ୍ତିରେ ସୋୟା-ଦୁଗ୍ଧ ଉତ୍ପାଦନ

ଉତ୍ତର ପ୍ରଦେଶର ପନ୍ତନଗରଠାରେ ଥିବା ଜି. ବି. ପନ୍ତ କୃଷି ଓ ବୈଷୟିକ ବିଦ୍ୟାଳୟରେ ସୋୟାବିନ୍ ଦୁଗ୍ଧ ଉତ୍ପାଦନ ସମ୍ବନ୍ଧରେ ଏକ ଯୋଜନା କାର୍ଯ୍ୟକାରୀ ହେଉଛି । ଗାଈ ବା ମଇଁଷି ଦୁଗ୍ଧର ଏକ ତୃତୀୟାଂଶ ମୂଲ୍ୟରେ ବ୍ୟବସାୟିକ ଭିତ୍ତିରେ ଏହି ଦୁଗ୍ଧ ଲୋକଙ୍କୁ ଯୋଗାଇ ଦିଆଯାଇପାରିବ ।

ବର୍ତ୍ତମାନ ଭାରତରେ ବର୍ଷକୁ ୨ କୋଟି ଟନ୍ ଦୁଗ୍ଧ ଉତ୍ପାଦିତ ହେଉଛି ଏବଂ ଏହା ମୁଣ୍ଡପିଛା ୧୩୦ ଗ୍ରାମ୍ ହାରରେ ଲୋକଙ୍କୁ ମିଳୁଛି । କିନ୍ତୁ ଭାରତୀୟ ଭେଷଜ ଗବେଷଣା ପରିଷଦର ପୁଷ୍ଟି ଉପଦେଷ୍ଟା କମିଟିଙ୍କ ମତାନୁସାରେ ପ୍ରତ୍ୟେକ ବ୍ୟକ୍ତିକୁ ଦୈନିକ ହାରାହାରି ୩୨୫ ଗ୍ରାମ ଦୁଗ୍ଧ ମିଳିବା ଆବଶ୍ୟକ । ସୋୟା-ଦୁଗ୍ଧ ଉତ୍ପାଦନ ଫଳରେ ଚାହିଦା ଓ ଯୋଗାଣ ମଧ୍ୟରେ ବର୍ତ୍ତମାନର ଏହି ବ୍ୟବଧାନ କିଛି କମିବ ବୋଲି ଆଶା କରାଯାଉଛି ।

ସୋୟା-ଦୁଗ୍ଧ ଉତ୍ପାଦନ ପ୍ରକ୍ରିୟା କାରିଗରୀ କୌଶଳ ଭାରତ ଓ ମାର୍କିନ ବୈଜ୍ଞାନିକଙ୍କ ମିଳିତ ସହଯୋଗରେ ଆବିଷ୍କୃତ ହୋଇଛି । ତିନିବର୍ଷ କାଳ ଗବେଷଣା ଚଳାଇ ସେମାନେ ପନ୍ତନଗରଠାରେ ଏକ ପାଇଲଟ କାରଖାନା ତିଆରି କରିଛନ୍ତି । ପନ୍ତନଗର ବିଶ୍ୱବିଦ୍ୟାଳୟ ଓ ଆମେରିକାର ଇଲିନୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ମିଳିତଭାବେ ଅଧ୍ୟାପକ ବି. ଏନ୍. ସିଂହ, ଡଃ ସୁର୍ଜନ ସିଂହ ଓ ଅଧ୍ୟାପକ ଏ. ଆଇ. ନେଲସନ୍‌ଙ୍କ ନାମରେ ଭାରତ ଓ ଯୁକ୍ତରାଷ୍ଟ୍ରରେ ପ୍ୟାଟେଣ୍ଟ ପାଇଁ ଆବେଦନ କରାଯାଇଛି ।

ଗତ ୧୯୭୧ ରେ ପନ୍ତନଗରଠାରେ "ସୋୟାବିନ୍-ଜାତ ଦ୍ରବ୍ୟ ପ୍ରସ୍ତୁତ ସମ୍ବନ୍ଧରେ ଏକ ଆଗୁଆ ଗବେଷଣାମୂଳକ କାରଖାନା ତିଆରି ସମ୍ବନ୍ଧରେ ୩୯.୮୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପି. ଏଲ୍.-୪୮୦ (ଶାନ୍ତି ପାଇଁ ଖାଦ୍ୟ) ଯୋଜନା ଆରମ୍ଭ କରାଯାଇଥିଲା । ସୋୟାବିନ୍ ପାଇଁ ବଜାର ସୃଷ୍ଟି କରି ଓ ବିକ୍ରୟ ବୃଦ୍ଧି କରି ସୋୟାବିନ୍ ଚାଷ ବଢ଼ାଇବା ସମ୍ବନ୍ଧରେ ଜାତୀୟ ସ୍ତରରେ ଯେଉଁ କାର୍ଯ୍ୟକ୍ରମ ଗ୍ରହଣ ହୋଇଥିଲା ଉପରୋକ୍ତ ଯୋଜନାଟି ହେଉଛି ତା'ର ଏକ ଅଂଶ ।

ଦୁଗ୍ଧ ପରି ସୋୟା-ଦୁଗ୍ଧରେ ମଧ୍ୟ ପ୍ରୋଟିନ୍ ରହିଛି; ମାତ୍ର ଦୁଗ୍ଧରେ ସ୍ନେହସାର ଶତକଡ଼ା ୬ଭାଗ ଥିବା ସ୍ଥଳେ ସୋୟା ଦୁଗ୍ଧରେ ମାତ୍ର ୧.୪ ଭାଗ ଥିବାରୁ ଏହା ଅଧିକ ଉପାଦେୟ । ତା'ଛଡ଼ା ସୋୟାବିନ୍ ମିଶ୍ରିତ ଖାଦ୍ୟରେ ମାଂସ, ଦୁଗ୍ଧ, ଅଣ୍ଡା, ଛୁଆ, ଡାଲି, ଲହୁଣୀ ଓ ତେଲର ଅଭାବ ପୂରଣ ହୋଇପାରେ ।

ସୋୟା-ଦୁଗ୍ଧ ଉତ୍ପାଦନ ଯନ୍ତ୍ରର ଅନ୍ୟତମ ନିର୍ମାତା ଡଃ ସୁର୍ଜନ ସିଂହ, ସୋୟା-ଦୁଗ୍ଧ ଓ ସୋୟା-ଖାଦ୍ୟ ଉତ୍ପାଦନରେ ଦୁଇଟି କାରିଗରୀ ଅସୁବିଧା ରହିଥିବା ଦର୍ଶାଇଥିଲେ । ସୋୟାବିନକୁ ଚୂର୍ଣ୍ଣକରି ତାହାକୁ ପାଣିରେ ମିଶାଇଲେ ସେଥିରେ ସେହି ଚୂର୍ଣ୍ଣର କ୍ଷୁଦ୍ରଖଣ୍ଡମାନ ଭାସିବୁଲୁଥାଏ । ତାହାଛଡ଼ା ଏହି ଦୁଗ୍ଧରେ ସୋୟାବିନ୍‌ର

ଗନ୍ଧ ମଧ୍ୟ ଥାଏ । ଏ ଦୁଇଟି ତ୍ରୁଟି ଯୋଗୁଁ ସାଧାରଣରେ ଏହା ଗ୍ରହଣଯୋଗ୍ୟ ହୁଅନ୍ତା ନାହିଁ । ସୁଖର କଥା, ଏହି ଦୁଇଟି ଅସୁବିଧା ଦୂର ହୋଇଛି ଏବଂ ସୋୟା-ଦୁଗ୍ଧଜାତ ଦ୍ରବ୍ୟ—ଆଇସ୍ କ୍ରିମ୍, ଦହି, ମିଠା, ଶିଶୁଖାଦ୍ୟ ଇତ୍ୟାଦି ତିଆରି କରିବା ଦିଗରେ ଗବେଷଣା ଚାଲିଛି ।

ସୋୟା-ଦୁଗ୍ଧର ଜନପ୍ରିୟତା ବୃଦ୍ଧି ଓ ଉତ୍ପାଦନ ବୃଦ୍ଧି ହେଲେ ଦେଶର ଗାଁଗାଁରେ ଏହି ଶିଳ୍ପ ପ୍ରସାର ଲାଭ କରିବ । ଏହାଫଳରେ ଲୋକମାନଙ୍କୁ ଶସ୍ତାରେ ସୋୟା-ଦୁଗ୍ଧ କିମ୍ବା ଅଧା-ଦୁଗ୍ଧ-ଅଧା-ସୋୟାଦୁଗ୍ଧ ଯୋଗାଇବା ସମ୍ଭବ ହେବା ସଙ୍ଗେ ସଙ୍ଗେ ଦେଶର ପୁଷ୍ଟିହୀନତା ଦୂରୀକରଣ ଦିଗରେ ଏହା ସହାୟକ ହେବ ।

## କ୍ଷୁଦ୍ର ଚାଷୀ ଉନ୍ନୟନ ସଂସ୍ଥା ଦ୍ୱାରା କୂପ ଖନନ

ରାଜ୍ୟର ପାଞ୍ଚଗୋଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କ୍ଷୁଦ୍ର ଚାଷୀ ଉନ୍ନୟନ ସଂସ୍ଥା ଏବଂ ଅତିକ୍ଷୁଦ୍ର ଚାଷୀ ତଥା କୃଷି ଶ୍ରମିକ ଉନ୍ନୟନ ସଂସ୍ଥା ତରଫରୁ ୧୯୭୪ ଫେବୃୟାରୀ ମାସ ଶେଷ ସୁଦ୍ଧା ୨୦,୪୨୯ ଟି କୂଅ ଖୋଳାଯାଇଛି । ଏଥି ମଧ୍ୟରୁ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ଅର୍ଥାତ୍ ୧୨,୧୨୦ ଗୋଟି କୂଅ ଖୋଳା ଯାଇ ପାରିଛି । ଏହି ସଂସ୍ଥା ଜରିଆରେ ଜଳସେଚନ ନିମନ୍ତେ ବିଦ୍ୟୁତ୍ ଚାଳିତ ୩୬୯ ଗୋଟି ପମ୍ପ ସେଟ୍ ବସା-ଯିବା ସଙ୍ଗେ ସଙ୍ଗେ ୨୪୫ ଗୋଟି କ୍ଷୁଦ୍ର ଜଳସେଚନ ଯୋଜନା କାର୍ଯ୍ୟ ମଧ୍ୟ ସଂପୂର୍ଣ୍ଣ କରାଯାଇ ପାରିଛି ।

ଏହି କାର୍ଯ୍ୟକ୍ରମ ଜରିଆରେ ସଂପୃକ୍ତ ଅଞ୍ଚଳରେ ୧୯୪୯ ଗୋଟି ଗୋପାଳନ କେନ୍ଦ୍ର, ୨,୦୪୪ ଟି ଛାଗ ପାଳନ କେନ୍ଦ୍ର ଏବଂ ୩୫୫ ଗୋଟି କୁକୁଡ଼ା ପାଳନ କେନ୍ଦ୍ର ପ୍ରତିଷ୍ଠା କରାଯାଇପାରିଛି । ଏ ସମସ୍ତ ପରିକଳ୍ପନା ଦ୍ୱାରା ମୋଟରେ ୨୫,୯୫୮ ଜଣ ବ୍ୟକ୍ତି ଉପକୃତ ହୋଇଛନ୍ତି ।

ରାଜ୍ୟରେ ଏହି ପରିକଳ୍ପନା କାର୍ଯ୍ୟକାରୀ ହେବା ଦିନଠାରୁ ଏ ବାବଦରେ ୧୭୬'୩୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ।



## ଚିଲିକା ହ୍ରଦର ଉନ୍ନୟନପାଇଁ ବିଶେଷଜ୍ଞ କମିଟି

ଚିଲିକା ହ୍ରଦର ସର୍ବାଙ୍ଗୀନ ଉନ୍ନତି ଉଦ୍ଦେଶ୍ୟରେ ପରିକଳ୍ପନା ପ୍ରସ୍ତୁତ କରିବା ପାଇଁ ଓଡ଼ିଶା ସରକାର ଏକ ୧୪ ଜଣିଆ ବିଶେଷଜ୍ଞ କମିଟି ଗଠନ କରିଛନ୍ତି ।

ଏହି କମିଟିରେ ଜାତୀୟ ପାରିପାର୍ଶ୍ୱିକ ଯୋଜନା ସମନ୍ୱୟ କମିଟିର ବିଶେଷଜ୍ଞ ଶ୍ରୀ ଡାଙ୍ଗର ଘୁଡେ ହାଲି, ଡକ୍ଟର ଏ ଘୋଷଲ, ଶ୍ରୀ ସି କେ ଦର୍ଶଣି, ସ୍ଥାପତ୍ୟ ବିଶାରଦ ଅଧ୍ୟାପକ ରବୀନ୍ଦ୍ର ରାନ୍, କେନ୍ଦ୍ର ପର୍ଯ୍ୟଟନ ବିଭାଗର ଡାଇରେକ୍ଟର ଜେନେରାଲ, କେନ୍ଦ୍ର ଆନ୍ତର୍ଦେଶୀୟ ମତ୍ସ୍ୟ ଗବେଷଣା ବିଭାଗର ନିର୍ଦ୍ଦେଶକ ଡକ୍ଟର ଭି ଜି ଝିଙ୍ଗରନ୍ ପ୍ରମୁଖ ସଦସ୍ୟ ରହିଛନ୍ତି । ଏମାନଙ୍କ ବ୍ୟତୀତ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ, ମତ୍ସ୍ୟ, ନଗର ଯୋଜନା, ଜଙ୍ଗଲ ବିଭାଗର ନିର୍ଦ୍ଦେଶକ ପୁରୀ ଜିଲ୍ଲାପାଳ, ନୌବାହିନୀର ପ୍ରତିନିଧି, କେନ୍ଦ୍ର ରାଜସ୍ୱ କମିଶନର ପ୍ରମୁଖ ମଧ୍ୟ ସଦସ୍ୟ ରହିଛନ୍ତି । ଏହି କମିଟି ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତହୋଇଛି ।

ଚିଲିକା ନିକଟରେ ନୌବାହିନୀ ତାଲିମ କେନ୍ଦ୍ର ସ୍ଥାପନ ହେବା ପରେ ଚିଲିକା ହ୍ରଦର ବିକାଶ ଘଟାଇ ସେଠାରେ ପର୍ଯ୍ୟଟନ, ମତ୍ସ୍ୟ ଉତ୍ପାଦନ, ଜଙ୍ଗଲ ସମ୍ପଦ ପ୍ରଭୃତିର ବିକାଶ ସଙ୍ଗେ ସଙ୍ଗେ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅଭିବୃଦ୍ଧି କରିବା ନିମନ୍ତେ ଆବଶ୍ୟକ ଯୋଜନା ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଏହି କମିଟି ଗଠିତ ହୋଇଛି ।

## ପର୍ଯ୍ୟଟନ ବିକାଶ ନିମନ୍ତେ ମାଷ୍ଟରପ୍ଲାନ୍

ଇତି ମଧ୍ୟରେ ସମଗ୍ର ଚିଲିକା ହ୍ରଦ ଅଞ୍ଚଳକୁ ନେଇ ଏକ ଆନ୍ତର୍ଜାତିକ ପର୍ଯ୍ୟଟନ କେନ୍ଦ୍ର ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ମାଷ୍ଟରପ୍ଲାନ୍ ତିଆରି କରିବା ନିମନ୍ତେ ପଦକ୍ଷେପ ନିଆଯାଇଛି ।

୧୫ କୋଟି ଟଙ୍କା ବ୍ୟୟରେ ପର୍ଯ୍ୟଟକମାନଙ୍କୁ ସୁବିଧାସୁଯୋଗ ଯୋଗାଇ ଦେବା ଉଦ୍ଦେଶ୍ୟରେ ଏକ ପରିକଳ୍ପନା ରାଜ୍ୟ ସରକାର ଯୋଜନା କମିଶନଙ୍କ ନିକଟରେ ଉପସ୍ଥାପିତ କରିଥିଲେ । କେନ୍ଦ୍ର ଯୋଜନା ମନ୍ତ୍ରୀଙ୍କ ପରାମର୍ଶକ୍ରମେ ବର୍ତ୍ତମାନ ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଟେଣ୍ଡର ମଗାଯାଇଛି । ଏକ ବିଶେଷଜ୍ଞ କମିଟି ଦ୍ୱାରା ଟେଣ୍ଡରଗୁଡ଼ିକ ତନଖି ହେବା ପରେ ଅର୍ଥ ବରାଦ ପାଇଁ ଯୋଜନା କମିଶନ ଓ ଅର୍ଥ ଲଗାଣକାରୀ ସଂସ୍ଥା ପ୍ରଭୃତିଙ୍କ ସହେ ପରାମର୍ଶ କରାଯିବ । ମାଷ୍ଟରପ୍ଲାନ୍ ପ୍ରସ୍ତୁତ ନିମନ୍ତେ ରାଜ୍ୟସରକାରଙ୍କ ବଜେଟରେ ୫ ଲକ୍ଷ ଟଙ୍କା ବରାଦ କରାଯାଇଛି ।

ଚିଲିକା ଅଞ୍ଚଳରେ ଉପରୋକ୍ତ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେଲେ ବାର୍କୁଲ, ବାଣପୁର, ଟାଙ୍ଗୀ ପ୍ରଭୃତି ଅଞ୍ଚଳରେ ଅନେକ ଛୋଟ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ଗଢ଼ିଉଠିବା ସଙ୍ଗେ ସଙ୍ଗେ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ଓ ଲୋକଙ୍କ ଆର୍ଥିକ ଅବସ୍ଥା ସୁଧାରିବାରେ ଏହା ସହାୟକ ହେବ । ଆଉ ମଧ୍ୟ ଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ ଓ ଅଶିକ୍ଷିତ ଲୋକମାନଙ୍କର ନିଯୁକ୍ତି ସୁବିଧାସୁଯୋଗ ବୃଦ୍ଧି ପାଇବ ।

---

## ଆବର୍ଜନା ଓ ରୋଗ ବିରୁଦ୍ଧରେ ଯୁବ ଅଭିଯାନ

ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ତରଫରୁ ଚଳିତବର୍ଷ ଆବର୍ଜନା ଓ ରୋଗ ବିରୁଦ୍ଧରେ ଯୁବ କାର୍ଯ୍ୟକ୍ରମ ନାମକ ଏକ ଯୋଜନା ଆରମ୍ଭ କରାଯାଇଛି । ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଜଣେ ଜଣେ ଶିକ୍ଷକଙ୍କ ନେତୃତ୍ୱରେ ୨୫ ରୁ ୩୦ ଜଣ ଯାଏଁ ସିନିୟର ଛାତ୍ରଙ୍କୁ ନେଇ ଗୋଟିଏ ଲେଖାଏଁ ଜାତୀୟ ସମାଜ ସେବା ଶିବିର ଆୟୋଜନ କରିବା ପାଇଁ ବିଭିନ୍ନ ବିଶ୍ୱବିଦ୍ୟାଳୟମାନଙ୍କୁ ଅନୁରୋଧ କରାଯାଇଛି । ଏହି ଯୋଜନା ପାଇଁ ୧ ଲକ୍ଷ ୭୦ ହଜାର ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଇଛି । ତନ୍ମଧ୍ୟରୁ କେନ୍ଦ୍ର ସରକାର ୯୯ ହଜାର ଟଙ୍କା ଏବଂ ଅବଶିଷ୍ଟ ଟଙ୍କା ରାଜ୍ୟସରକାର ବହନ କରିବେ ।

ଗୋବର ଗ୍ୟାସ୍‌ପ୍ଲାଣ୍ଟ ନିର୍ମାଣ, ପରିମଳ, ଚିକିତ୍ସା ତଥା ସମାଜ ସେବା ବ୍ୟବସ୍ଥାର ଉନ୍ନତିବିଧାନ କରିବା ହେଉଛି ଏହି ଯୋଜନାର ଲକ୍ଷ୍ୟ । ଏତଦ୍‌ବ୍ୟତୀତ ଛାତ୍ର, ସମାଜ ସେବା ଓ ନିରକ୍ଷରତା ଦୂରୀକରଣ ସମ୍ପର୍କରେ ମଧ୍ୟ ତାଲିମ ଦିଆଯାଉଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ୩୯ଟି ଶିବିର ଆୟୋଜନ କରାଯାଇଛି ।

---

## ମତ୍ସ୍ୟଜୀବୀମାନଙ୍କୁ ସାହାଯ୍ୟ

ଓଡ଼ିଶାର ପଞ୍ଚମ ଯୋଜନାର ପ୍ରଧାନ ଅଭିମୁଖ୍ୟଗୁଡ଼ିକ ମଧ୍ୟରୁ ମତ୍ସ୍ୟଜୀବୀମାନଙ୍କ ସାମାଜିକ ଓ ଆର୍ଥିକ ଅବସ୍ଥାର ଉନ୍ନତିବିଧାନ ହେଉଛି ଅନ୍ୟତମ । ଏହି ଲକ୍ଷ୍ୟ ହାସଲ ପାଇଁ ଅନେକଗୁଡ଼ିଏ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି । ଏଗୁଡ଼ିକ ହେଲା-ବାସଗୃହ ଯୋଗାଣ, ବିକ୍ରିକରିବା ପାଇଁ ଅଧିକ ସୁବିଧାସୁଯୋଗ ତଥା ମତ୍ସ୍ୟଗାର ପ୍ରତିଷ୍ଠା । ତଦନୁଯାୟୀ ୧୫ଟି ମତ୍ସ୍ୟଜୀବୀ ସମବାୟ ସମିତି ଗଠନ କରାଯିବ ଓ ମତ୍ସ୍ୟଜୀବୀମାନଙ୍କୁ ଗୃହ ନିର୍ମାଣ ପାଇଁ ଋଣ ଦିଆଯିବ ।

ମତ୍ସ୍ୟାଗାର ନିର୍ମାଣ ପାଇଁ ସମୁଦ୍ର କୂଳେ କୂଳେ ଥିବା ସନ୍ତସରିଆ ଯାଗାଗୁଡ଼ିକର ଉନ୍ନତିବିଧାନ କରାଯିବ । ପଞ୍ଚମ ଯୋଜନା ଶେଷ ବେଳକୁ ବର୍ଷକୁ ଅଧିକ ୪୦ ହଜାର ମେଟ୍ରିକ୍ ଟନ୍ ମାଛ ଉତ୍ପାଦନ ହୋଇପାରିବ ବୋଲି ଅଟକଳ କରାଯାଇଛି । ଚିଲିକା ଆମ ରାଜ୍ୟର ବୃହତ୍ତମ ମାଛଧରା ପେଣ୍ଠ ହୋଇଥିବା ଦୃଷ୍ଟିରୁ ସେଠାରେ ଗୋଟିଏ ମାଛଧରା ବନ୍ଦର ପ୍ରତିଷ୍ଠା କରିବା ସକାଶେ ପ୍ରସ୍ତାବ ଅଛି । ଏହାଛଡ଼ା ଚିଲିକା ହ୍ରଦର ନିଷ୍କାଶପାଇଁ ପାଲୁର ନାଳକୁ ଗଭୀର କରାଯିବା ସଙ୍ଗେ ସଙ୍ଗେ ସମୁଦ୍ର ଓ ଚିଲିକା ହ୍ରଦ ମଧ୍ୟରେ ସିଧାସଳଖ ସଂଯୋଗ ସ୍ଥାପନ ପାଇଁ ପ୍ରସ୍ତାବ ରହିଛି । ଏହା ଫଳରେ ସମୁଦ୍ରରୁ ଅଧିକ ମାଛ ହ୍ରଦକୁ ଆସି ପାରିବେ ଏବଂ ଚିଲିକା ହ୍ରଦରୁ ବାର୍ଷିକ ଅଧିକ ୧୮୫୦ ମେଟ୍ରିକ୍ ଟନ୍ ମାଛ ଧରାଯାଇପାରିବ । ଆଉମଧ୍ୟ ଚିଲିକା ହ୍ରଦରେ ମାଛ ଧରିବା ପାଇଁ ବ୍ୟବହୃତ ହେଉଥିବା ପ୍ରାୟ ୩ ହଜାର ମାଛଧରା ଡଙ୍ଗାର ଉନ୍ନତିବିଧାନ କରାଯିବ ବୋଲି ପ୍ରସ୍ତାବ ରହିଛି । ମାଛଧରା ପେଣ୍ଠ ନିକଟରେ ମାଛ ଧରିବା ପାଇଁ ୧୨୦ଟି ଯନ୍ତ୍ରଚାଳିତ ନୌକା ଯୋଗାଇଦେବା ନିମନ୍ତେ ଏକ ଯୋଜନା ରହିଛି । ଡଙ୍ଗାରେ ବ୍ୟବହୃତ ସାଜସରଞ୍ଜାମ କିଣିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ଆର୍ଥିକ ସାହାଯ୍ୟ ଦିଆଯିବ ।

---

## ଆସିକା ଅଞ୍ଚଳରେ କର୍ମ ସଂସ୍ଥାନ ଯୋଜନାର ଅଗ୍ରଗତି

ଗଞ୍ଜାମ ଜିଲ୍ଲାର ଆସିକା ଅଞ୍ଚଳରେ ଗାଁ ଗହଳିର ଲୋକମାନଙ୍କୁ କର୍ମସଂସ୍ଥାନ ନିମନ୍ତେ ଭାରତ ସରକାର ୨୭ ଲକ୍ଷ ୮୭ ହଜାର ଟଙ୍କାର ବ୍ୟୟ ବରାଦ କରିଛନ୍ତି । ଏହି ଯୋଜନା ୧୯୭୨ ମସିହା ନଭେମ୍ବର ମାସଠାରୁ କାର୍ଯ୍ୟକାରୀ ହେଉଛି ଏବଂ ଗତ ମଇ ମାସ ଶେଷ ସୁଦ୍ଧା ୧୬ ଲକ୍ଷ ୧୬ ହଜାର ଟଙ୍କା ଖର୍ଚ୍ଚ ହୋଇଛି ।

ଏହି ଯୋଜନାର ପ୍ରଥମ ବର୍ଷ ସକାଶେ ପୋଖରୀମାନଙ୍କର ପଙ୍କୋଦ୍ଧାର, କ୍ଷୁଦ୍ରଜଳସେଚନ ଯୋଜନା ଭଳି ଆଉ କେତେକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ସକାଶେ ୧୦ ଲକ୍ଷ ଟଙ୍କା ଭାରତ ସରକାର ବ୍ୟୟ ବରାଦ କରିଥିଲେ । ସେଥିମଧ୍ୟରୁ ୯ ଲକ୍ଷ ୧୬ ହଜାର ଟଙ୍କା ଖର୍ଚ୍ଚ ହୋଇଛି । ଏତଦ୍ଵାରା ୨ ଲକ୍ଷ ୭୯ ହଜାର ଲୋକଙ୍କ ପାଇଁ କାମ ଯୋଗାଇ ଦିଆଯାଇ ପାରିଛି ।

ଏହି ଯୋଜନାର ଦ୍ଵିତୀୟ ବର୍ଷ ସକାଶେ କେନ୍ଦ୍ର ସରକାରଙ୍କଠାରୁ ମିଳିଥିବା ୧୭ ଲକ୍ଷ ୮୭ ହଜାର ଟଙ୍କା ମଧ୍ୟରୁ ଗତ ମଇମାସ ଶେଷ ସୁଦ୍ଧା ୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ସମାଜର ଗରିବ ତଥା ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ସକାଶେ ବାସଗୃହ ନିର୍ମାଣ, କ୍ଷୁଦ୍ର ଜଳସେଚନ ଯୋଜନା ଓ ପଙ୍କୋଦ୍ଧାର ଭଳି ୬୪ଟି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏସବୁ କାର୍ଯ୍ୟ ସନ୍ତୋଷଜନକ ଭାବେ ଅଗ୍ରଗତି କରୁଥିବାର ଜଣାଯାଇଛି ।

---

## ଓଡ଼ିଶାର ମରୁଡ଼ି ବିପନ୍ନ ଅଞ୍ଚଳ ପାଇଁ କେନ୍ଦ୍ରୀୟ ସାହାଯ୍ୟ

ଓଡ଼ିଶାର ମରୁଡ଼ିବିପନ୍ନ ଜିଲ୍ଲାଗୁଡ଼ିକରେ କେତେକ ଉନ୍ନୟନମୂଳକ ପରିକଳ୍ପନା କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାର ପଞ୍ଚମ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ୫.୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏଥିମଧ୍ୟରୁ କଳାହାଣ୍ଡି ଓ ଫୁଲବାଣୀ ଜିଲ୍ଲା ନିମନ୍ତେ ଯଥାକ୍ରମେ ୨.୫ ଓ ୩ କୋଟି ଟଙ୍କା ମଞ୍ଜୁର କରାଯାଇଛି ।

ଚତୁର୍ଥ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ କେନ୍ଦ୍ରରୁ ଯେଉଁ ୪ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା, ତନ୍ମଧ୍ୟରୁ ମରୁଡ଼ି ବିପନ୍ନ ଅଞ୍ଚଳ କାର୍ଯ୍ୟକ୍ରମ ଅନୁଯାୟୀ କ୍ଷୁଦ୍ର ଜଳସେଚନ ଯୋଜନା, ମୃତ୍ତିକା ସଂରକ୍ଷଣ, ଯୋଗାଯୋଗ ତଥା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ବାବଦରେ ୩.୧୧ କୋଟି ଟଙ୍କା ବ୍ୟୟ କରାଯାଇଛି ।

ଯେଉଁ ୧୪ ଗୋଟି କ୍ଷୁଦ୍ର ଜଳସେଚନ ପରିକଳ୍ପନା ହାତକୁ ନିଆଯାଇଛି, ତା'ମଧ୍ୟରୁ କଳାହାଣ୍ଡି ଜିଲ୍ଲାର ଜଲେଶ୍ୱର ଏବଂ ଫୁଲବାଣୀ ଜିଲ୍ଲାର ବୁରବିନାଳୁ କ୍ଷୁଦ୍ର ଜଳସେଚନ ପରିକଳ୍ପନା କାର୍ଯ୍ୟ ଶେଷ ହୋଇଛି । କଳାହାଣ୍ଡି ଜିଲ୍ଲାର ରେତ୍‌ବାଗପୁର ଏବଂ ଫୁଲବାଣୀ ଜିଲ୍ଲାର କୋନାଇହାଂକି ଓ କୋଡାରି କ୍ଷୁଦ୍ର ଜଳସେଚନ ପରିକଳ୍ପନା କାର୍ଯ୍ୟ ମଧ୍ୟ ଶେଷ ହୋଇଆସିଲାଣି । କ୍ଷୁଦ୍ର ଜଳସେଚନ ପରିକଳ୍ପନା କାର୍ଯ୍ୟ ଶେଷ ହେବାପରେ ଏହାଦ୍ୱାରା ଫୁଲବାଣୀ ଜିଲ୍ଲାର ୧୧,୫୦୦ ଏକର ଏବଂ କଳାହାଣ୍ଡି ଜିଲ୍ଲାର ୧୪,୦୫୦ ଏକର ଜମି ଜଳସେଚିତ ହୋଇପାରିବ । ଫୁଲବାଣୀ ଜିଲ୍ଲାର ୧୩୨ କିଲୋମିଟର ଏବଂ କଳାହାଣ୍ଡି ଜିଲ୍ଲାର ୮୬ କିଲୋମିଟର ରାସ୍ତାର ଉନ୍ନତିବିଧାନ କରାଯାଇଛି ।

ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ କଳାହାଣ୍ଡି ଜିଲ୍ଲାରେ ୧,୫୪୫ ଏକର ଏବଂ ଫୁଲବାଣୀ ଜିଲ୍ଲାର ୧,୨୫୦ ଏକର ଜମି ପ୍ରସ୍ତୁତ କରାଯାଇ ମୁଗୁଣା ଜାତୀୟ ଗଛ ରୋପଣ କରାଯାଇଛି । କଳାହାଣ୍ଡି ଜିଲ୍ଲାରେ ୨୭୨ ଏକର ଏବଂ ଫୁଲବାଣୀ ଜିଲ୍ଲାରେ ୧୩ ଏକର ଜମିରେ କଫି ଚାଷ କରାଯାଇଛି । କଳାହାଣ୍ଡି ଜିଲ୍ଲାର ୯୬ ଗୋଟି ଏବଂ ଫୁଲବାଣୀ ଜିଲ୍ଲାର ୫୮ ଗୋଟି ୟୁନିଟ ନାଳ ବନ୍ଧେଇ କାର୍ଯ୍ୟ ଶେଷ ହୋଇଛି ଓ ଫୁଲବାଣୀ ଜିଲ୍ଲାର ୧,୯୮୧ ଏକର ଜମିରେ ବୃକ୍ଷ ରୋପଣ କାର୍ଯ୍ୟ କରାଯାଇଛି ।

---



୧୯୭୪ ଜୁଲାଇ ୩ ତାରିଖ ଦିନ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ମାରକୀ ଡାକ ଟିକଟ ଭାରତୀୟ ଡାକ ଓ ତାର ବିଭାଗ ତରଫରୁ ପ୍ରକାଶ ପାଇଛି ।
ଚିତ୍ରରେ : ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ଡାକଟିକଟ ସମ୍ବଳିତ ଏକ ସ୍ମରଣିକା ଆଲବମ୍ ଶ୍ରୀମତୀ ରମାଦେବୀଙ୍କୁ ଉପହାର ଦେଉଛନ୍ତି ।

## ଚିତ୍ରେ ସମ୍ବାଦ

ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଚିକିତ୍ସା ମହାବିଦ୍ୟାଳୟଠାରେ ୧୯୭୪ ଜୁଲାଇ ୩ ତାରିଖ ଦିନ ଶ୍ରଦ୍ଧାନନ୍ଦ ରକ୍ତ ଭଣ୍ଡାର ଉଦ୍‌ଘାଟନ କରୁଛନ୍ତି ।





ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସଂଗୀତ ବିଭାଗ ମୁଖ୍ୟ ଡାଃ. ପ୍ରେମଲତା ଶର୍ମା ୧୯୬୪ ଜୁନ୍ ୩୦ ତାରିଖ ଦିନ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ଉତ୍କଳ ସଂଗୀତ ମହାବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଉପାଧି ପ୍ରଦାନ କରୁଛନ୍ତି ।

ଚିତ୍ରରେ : ଜଣେ ଅନ୍ଧ ଛାତ୍ରୀ ଉପାଧି ଗ୍ରହଣ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ଶିକ୍ଷାମନ୍ତ୍ରୀ ଶ୍ରୀ ଯଦୁନାଥ ଦାଶମହାପାତ୍ର ୧୯୬୪ ଜୁନ୍ ୨୭ ତାରିଖ ଦିନ ଓଡ଼ିଶା ଲଳିତକଳା ଏକାଡେମୀ ତରଫରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଏକ ଚିତ୍ର ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ।

ଚିତ୍ରରେ : ମନ୍ତ୍ରୀ ମହୋଦୟ ଜୟଦେବଙ୍କ ଏକ ଚିତ୍ର ଦେଖୁଛନ୍ତି ।





ରାଜ୍ୟପାଳ ଶ୍ରୀ ବି. ଡି. ଜାଟି ୧୯୭୪ ଜୁନର ୫ ତାରିଖ ଦିନ ଧର୍ମଶାଳା ସହାୟକ ମାଂ-
ଡଳଠାରେ ବାହିପଡା ଜଗତୀ ସଂଚୟ କୂପ ଉଦ୍‌ଘାଟନ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ତରଫରୁ ୧୯୭୪ ଜୁନର ୩ ତାରିଖ ଦିନ ରବୀନ୍ଦ୍ର ମଣ୍ଡପଠାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

ଚିତ୍ରରେ : ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ ମନ୍ତ୍ରୀ ଶ୍ରୀ ଶ୍ରୀବତ୍ସ ପାଣିଗ୍ରାହୀ, ଉପମନ୍ତ୍ରୀ ଶ୍ରୀ ଜଗନ୍ନାଥ ପଟ୍ଟନାୟକ ଏବଂ ଭୂତପୂର୍ବ ମୁଖ୍ୟମନ୍ତ୍ରୀ ଶ୍ରୀ ଆର. ଏନ୍. ସିଂହଦେଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖୁଛନ୍ତି ।





ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ କୋରାପୁଟ ଗସ୍ତ କାଳରେ
ସିଙ୍ଘାପଦର ଗ୍ରାମର ଆଦିବାସୀ ମହିଳାମାନେ ତାଙ୍କୁ
ସ୍ୱାଗତ ସମ୍ବର୍ଦ୍ଧନା ଜଣାଉଛନ୍ତି ।

## ଚିତ୍ରେ ସମ୍ବାଦ

ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ କୋରାପୁଟ ଜିଲ୍ଲା ଗୁଣଖାଲଠାରେ ଭୂମିହୀନ
ଆଦିବାସୀମାନଙ୍କୁ ପଟ୍ଟା ପ୍ରଦାନ କରୁଛନ୍ତି ।



# ଘଟଣା ପ୍ରବାହ

## ଜୁନ୍ ୧୯୭୪

୧-୬-୭୪—ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ଶ୍ରୀ ବାଙ୍କ ବିହାରୀ ଦାସ କଟକ ଜିଲ୍ଲାର ବାଲିକୁଦାଠାରେ ଏକ ନୂତନ ସବ୍‌ରେଜିଷ୍ଟ୍ରାର ଅଫିସ ଉଦ୍‌ଘାଟନ କଲେ ।

୩-୬-୭୪—ଓଡ଼ିଶାରେ ଭୂ-ରାଜସ୍ୱର ପୁନଃ ପ୍ରଚଳନ ଲାଗି ବିଧାନସଭାରେ ରାଜ୍ୟ ସରକାର ପ୍ରସ୍ତାବ କଲେ ।

୪-୬-୭୪—ଗୋଟିଏ ରାଜ୍ୟର ବିଧାନସଭା ଭାଙ୍ଗି ଦିଆଯାଇଥିଲେ ସୁଦ୍ଧା ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ପୂରିବା ପୂର୍ବରୁ ରାଷ୍ଟ୍ରପତି ନିର୍ବାଚନ ହେବା ଦରକାର ବୋଲି ସୁପ୍ରିମକୋର୍ଟ ମତ ପ୍ରକାଶ କଲେ ।

କଟକ-କଲିକତା ଏବଂ ଭୁବନେଶ୍ୱର-କଟକ ମଧ୍ୟରେ ଅବିଳମ୍ବେ ଦୂରବାଣୀ ଯୋଗାଯୋଗ ସେବା ବ୍ୟବସ୍ଥା କାର୍ଯ୍ୟକାରୀ ହେଲା ।

୧୦-୬-୭୪—ବିଭିନ୍ନ ସାମାଜିକ ଉତ୍ସବରେ ଡ଼ିଜେଲ ଇଞ୍ଜିନ୍‌ଦ୍ୱାରା ବିଦ୍ୟୁତ ଶକ୍ତି ଉତ୍ପାଦନ ନିମନ୍ତେ ଡ଼ିଜେଲର ବ୍ୟବହାର ନିଷିଦ୍ଧ ହେଲା ।

୧୨-୬-୭୪—ପଞ୍ଚମଯୋଜନାକାଳରେ କଳାହାଣ୍ଡି ଓ ଫୁଲବାଣୀ ଜିଲ୍ଲାର ମରୁଡ଼ିଗ୍ରସ୍ତ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟଲାଗି ଭାରତ ସରକାର ପାଞ୍ଚ କୋଟି ପଚାଶ ଲକ୍ଷ ଟଙ୍କା ଖର୍ଚ୍ଚ ବ୍ୟବସ୍ଥା କଲେ ।

୧୩-୬-୭୪—ବାଲେଶ୍ୱର ଜିଲ୍ଲାର ଶଦବାଲି ନିକଟରେ ଗ୍ରାମ ପୁନର୍ଗଠନ ସଂସ୍ଥା ଦ୍ୱାରା ନିର୍ମିତ ଗାନ୍ଧୀ ନଗର ନାମକ ଗ୍ରାମ ଓଡ଼ିଶାର ରାଜ୍ୟପାଳ ଶ୍ରୀ ଜାମି ଉଦ୍‌ଘାଟନ କଲେ ।

୧୭-୬-୭୪—୧୯୭୪ ଓଡ଼ିଶା ସରକାରୀ ଭୂ-ବନ୍ଦୋବସ୍ତ (ସଂଶୋଧନ-ବୈଧକରଣ) ବିଲ୍ ବିଧାନ ସଭାରେ ଗୃହୀତ ହେଲା । ଉଦ୍‌ବୃତ୍ତ ଶତକଡ଼ା ୭୦ ଭାଗ ଜମି ଆଦିବାସୀ ଓ ହରିଜନମାନଙ୍କ ଲାଗି ସଂରକ୍ଷିତ ହେଲା ।

ଭାରତୀୟ ସଂବିଧାନର ୩୨ ତମ ସଂଶୋଧନ ବିଲ୍ ଓଡ଼ିଶା ବିଧାନ ସଭାର ସମର୍ଥନ ଲାଭ କଲା ।

ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଶ୍ରୀ ବାଳକୃଷ୍ଣ ପାତ୍ର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଭାବେ କାର୍ଯ୍ୟଭାର ଗ୍ରହଣ କଲେ ।

୧୭-୬-୭୪—ଓଡ଼ିଶାରେ ବିକ୍ରିକର, କୋର୍ଟ ଫି ଓ ପ୍ରମୋଦକର ବୃଦ୍ଧି ନିମନ୍ତେ ପ୍ରସ୍ତାବମାନ ବିଧାନ ସଭାରେ ଆଗତ ହେଲା ।

୧୮-୬-୭୪—ଗ୍ରାମପଞ୍ଚାୟତର ସରପଞ୍ଚମାନେ ଦୁଇଥରରୁ ଅଧିକ ସରପଞ୍ଚ ନିର୍ବାଚନରେ ପ୍ରାର୍ଥୀ ହୋଇ ପାରିବେ ବୋଲି ବ୍ୟବସ୍ଥା ଥାଇ ଓଡ଼ିଶା ଗ୍ରାମ ପଞ୍ଚାୟତ (ସଂଶୋଧନ ବିଲ୍) ବିଧାନ ସଭାରେ ଗୃହୀତ ହେଲା ।

୨୧-୬-୭୪—ଗଞ୍ଜାମ ଜିଲ୍ଲାର ତପ୍ତପାଣି ଉଷ୍ଣପ୍ରସ୍ରବଣଠାରେ ରାଜ୍ୟପାଳ ଶ୍ରୀ ବି. ଡି. ଜାତି ଏକ ଯୁବ ହଷ୍ଟେଲ ଉଦ୍‌ଘାଟନ କଲେ ।

୨୨-୬-୭୪—ରାଷ୍ଟ୍ରପତି ଶ୍ରୀ ଭି. ଭି. ଗିରି ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ କପା ତୁଳା, ସୂତା, ଉଲ, ଖାଦ୍ୟ ଦ୍ରବ୍ୟ, ଖାଦ୍ୟୋପଯୋଗୀ ତେଲ ଏବଂ ଔଷଧ ସଂପର୍କୀୟ ଅପରାଧର ତୁରନ୍ତ ବିଚାର ସମେତ ଅଧିକ କଠିନ ଦଣ୍ଡ ଦିଆଯିବାର ବ୍ୟବସ୍ଥାକରି ଏକ ଅର୍ଡିନାନ୍‌ସ ଜାରି କଲେ ।

୨୩-୬-୭୪—ପାରଳା ଖେମୁଣ୍ଡି ସହରରେ ଉତ୍କଳସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେଲା ।

୨୬-୬-୭୪—ଭାରତର ପ୍ରଧାନ ବିଚାରପତି ଶ୍ରୀ ଅଜିତ ନାଥ ରାୟଙ୍କ ଓଡ଼ିଶା ପରିଦର୍ଶନ ।

---

## ବରଗଡ଼ରେ କୀଟନାଶକ ଔଷଧ କାରଖାନା

ଜାତୀୟ ସମବାୟ ଉନ୍ନୟନ କର୍ପୋରେସନ ସହାୟତାରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ସମବାୟ ମାର୍କେଟିଂ ସୋସାଇଟି ପକ୍ଷରୁ ସମ୍ବଲପୁର ଜିଲ୍ଲାର ବରଗଡ଼ଠାରେ କୀଟନାଶକ ଔଷଧ ମିଶ୍ରଣ ପାଇଁ ଏକ କାରଖାନା ପ୍ରତିଷ୍ଠା କରାଯାଉଛି । ଏହି କାରଖାନାର ଆଠଘଣ୍ଟିଆ ଏକ ସିଫ୍‌ଟରେ ୮ରୁ ୧୦ ଟନ୍‌ ପର୍ଯ୍ୟନ୍ତ ମିଶ୍ରିତ କୀଟନାଶକ ଔଷଧ ଉତ୍ପାଦିତ ହେବ । କାରଖାନା ନିର୍ମାଣ ପାଇଁ ୨ ଲକ୍ଷ ୬୦ ହଜାର ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଉଛି ।



ବିସ୍ଫୋରଣ ପରେ ଫାଟ ମଧ୍ୟରୁ ବାହାରି ପଡ଼ିଥିବା ସ୍ତୂପର ଦୃଶ୍ୟ

ରାଜସ୍ଥାନ ମରୁଭୂମିରେ ଭାରତର ପରୀକ୍ଷାମୂଳକ ଭୂଗର୍ଭ ପରମାଣୁ ବିସ୍ଫୋରଣ

ବିସ୍ଫୋରଣ ପୂର୍ବରୁ ଭୂପୃଷ୍ଠର ଦୃଶ୍ୟ



Regd. No. 0-2
UTKAL PRASANGA
l. XXX, No. 12
Licence No. C. R. N. P.-5 Licensed to post without pre-payment



ଭାରତୀୟ କାର୍ପାସ ବସ୍ତ୍ର ମନୋଜ୍ଞ ଛାପା ଓ ନକ୍ସା ଯୋଗୁଁ ବିଦେଶରେ ଲୋକପ୍ରିୟ ହୋଇପାରିଛି
ଚିତ୍ରରେ : ଲକ୍ଷ୍ନୌସ୍ଥ କେନ୍ଦ୍ରୀୟ ନକସା ସଂସ୍ଥାରେ ବୟନ ବିଶାରଦମାନେ ନକ୍ସାଗୁଡ଼ିକ ଚୂଡ଼ାନ୍ତ କରିବାରେ ନିରତ

Printed at Orissa